POSTAL REGISTRATION NO.- PURI/45/2022-24
Visit our website: sssoochanaenewspaper.in
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

/shreeshrikshetrasoochana /ssoochana +91 94370 58632



ପୂର୍ବତନ ପ୍ରଧାନମନ୍ତ୍ରୀ
ଡ. ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

VOL - 3 ❖ ISSUE - XII ❖ DECEMBER 2024 ❖ PURI ❖ PAGE - 8 ❖ Rs. 10.00
ତୃତୀୟ ବର୍ଷ ❖ ଦ୍ୱାଦଶ ସଂଖ୍ୟା ❖ ଡିସେମ୍ବର ୨୦୨୪ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

## ସମ୍ପାଦକୀୟ

### ନୂତନ ବର୍ଷ ୨୦୨୫: ଏକ ନୂତନ ଆଶା ଓ ସଂକଳ୍ପ



ନୂତନ ବର୍ଷ ଆମ ସମସ୍ତଙ୍କ ପାଇଁ ଏକ ନୂତନ ଆରମ୍ଭର ସଂକେତ। ଆସନ୍ତାକାଲିର ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ଅବସର। ୨୦୨୫ ର ଆଗମନ ସହିତ ଆମେ ଏକ ନୂତନ ଆଶାର ଆଲୋକକୁ ଅନୁଭବ କରୁଛୁ। ଏହି ଆଶା ହେଉଛି ଏକ ଶାନ୍ତିପୂର୍ଣ୍ଣ, ସ୍ୱସ୍ଥ ଓ ସମୃଦ୍ଧିଶୀଳ ବିଶ୍ୱର ନିର୍ମାଣ। ବର୍ତ୍ତମାନ ବିଶ୍ୱ ଜିଓ-ପଲିଟିକାଲ ସଂଘର୍ଷ, ଯୁଦ୍ଧ ଓ ଅସ୍ଥିରତାର ଘୋର ଛାୟାରେ ଘିରିଥିବା ବେଳେ, ଏହି ନୂତନ ବର୍ଷ ଆମକୁ ଏକ ନୂତନ ଶିକ୍ଷା ଦେଉ ଆହ୍ୱାନ କରେ। ଯୁଦ୍ଧ ଓ ସଂଘର୍ଷରେ ଶିଶୁ, ନାରୀ ଓ ନିରାପରାଧ ଜନସାଧାରଣ ଯେପରି ଦୁଃଖ ଭୋଗୁଛନ୍ତି, ତାହା ଅସ୍ୱୀକାର ଯୋଗ୍ୟ। ଏହି ବର୍ଷର ମୁଖ୍ୟ ଅବଧାରଣ ହେଉ ଆମେ ଆହିଁ ସମସ୍ତ ସଂଘର୍ଷକୁ ଅବସାନ କରିବା, ଯୁଦ୍ଧକୁ ନାହିଁ କହିବା ଏବଂ ଶାନ୍ତି ଏବଂ ସହଯୋଗର ପଥରେ ଚାଲିବା। ଆଜିର ଗ୍ଲୋବାଲ ଅର୍ଥନୀତି ଏବଂ ପରିବେଶ ଜିର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଅଛି। ଏହାର ମୂଳ କାରଣ ହେଉଛି ଆମର ଅନିୟନ୍ତ୍ରିତ ମହତ୍ୱକାଂକ୍ଷା ଏବଂ ପ୍ରାକୃତିକ ସମ୍ପଦର ଅସାବଧାନ ବ୍ୟବହାର। ଆସନ୍ତା ନୂତନ ବର୍ଷରେ ଆମେ ପୃଥିବୀର ସ୍ୱାସ୍ଥ୍ୟକୁ ପୁନଃସ୍ଥାପିତ କରିବାରେ ଏକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଆବଶ୍ୟକ। ଗ୍ରୀନ ଇନିସିଏଟିଭ ଏବଂ ପାରିସ ସମ୍ମିଳନର ଲକ୍ଷ୍ୟଗୁଡ଼ିକୁ ସାଧନ କରିବା ପାଇଁ ଆମକୁ ସମସ୍ତେ ଏକତାବଦ୍ଧ ହେବା ଦରକାର। ଆସନ୍ତୁ ଏହି ବର୍ଷରେ ଗ୍ଲୋବାଲ ଅର୍ଥନୀତିକୁ ସବୁଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ନୂତନ ଗତି ଦିଅ। ଭାରତ ସଦାରୁ ଶାନ୍ତି, ମାନବତା ଏବଂ ଜ୍ଞାନର ଦୂତ ରୂପେ ଦୃଢ଼ ଠାରୁଛି। ୨୦୨୫ ରେ ଆମେ ଆଶା କରୁଛୁ ଭାରତ ବିଶ୍ୱରେ ଏକ ନୂତନ ନମୁନା ସାଜିବ। ଅବିରତ ପ୍ରଗତି, ଗ୍ଲୋବାଲ ଲିଡର୍ଶିପରେ ଭାରତର ଅବଦାନ ଏବଂ ଏକ 'ବିଶ୍ୱ ଗୁରୁ' ରୂପେ ଭାରତର ସ୍ଥାନ ସଂପୂର୍ଣ୍ଣ ହେବା ପାଇଁ ଏହି ନୂତନ ବର୍ଷ ଆମକୁ ସୁଯୋଗ ଦିଅନ୍ତୁ। ମନୁଷ୍ୟତାର ସର୍ବୋଚ୍ଚ ମୂଲ୍ୟଗୁଡ଼ିକୁ ଆଚରଣ କରି ଏବଂ ମନୋବୃତ୍ତିରେ ଏକତା ଓ ସମର୍ପଣ ଦ୍ୱାରା ଆମେ ଏହାକୁ ସାଧନ କରିବା ଲକ୍ଷ୍ୟ କରିବା ଉଚିତ। ଆସନ୍ତୁ, ଏହି ନୂତନ ବର୍ଷରେ ଆମେ ସବୁ ଜାତିକୁ ଏକତାର ନୂତନ ସୂତ୍ରରେ ବାନ୍ଧିବା ଉଦ୍ୟମ କରିବା ଦିଗରେ ଆଗେଇଯାଉ। ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଓ ଦୃଢ଼ ବିଶ୍ୱ ନିର୍ମାଣର ଶପଥ ନେଇ, ଆମ ଦୃଷ୍ଟିକୁ ଆଗକୁ ଧରି ନେବା ଆମର ପ୍ରଥମ କର୍ତ୍ତବ୍ୟ ହେବ। ଏହି ଆଶାର ସହିତ ସମସ୍ତଙ୍କୁ ଶୁଭ ନୂତନ ବର୍ଷ ଅଭିନନ୍ଦନ।

ରାଜେଶ କୁମାର ମହାନ୍ତି
(ରାଜେଶ କୁମାର ମହାନ୍ତି)




ନବ ବର୍ଷ ଉପଲକ୍ଷେ ଶ୍ରୀ ମନ୍ଦିର ଓ ପୁରୀ ବେଳାଭୂମୀରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼



## ନୂତନ ବର୍ଷର ଅଭିନନ୍ଦନ

ଇଂରାଜୀ ନବ ବର୍ଷ ୨୦୨୫ ଉପଲକ୍ଷେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ତା'ର ପ୍ରିୟ ପାଠକପାଠିକା, ବିଜ୍ଞାପନଦାତା, ସମ୍ବାଦଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ସେମାନଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ କ୍ୟାଲେଣ୍ଡର୍ ଲୋକାର୍ପିତ




## ୩ରେ ଶପଥ ନେବେ ନୂଆ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି



**ଭୁବନେଶ୍ୱର:** ଓଡ଼ିଶାର ନୂଆ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଆସନ୍ତାକାଲି ଭୁବନେଶ୍ୱର ଆସିବେ। ସେ ୩ ତାରିଖରେ ଶପଥ ଗ୍ରହଣ କରିବେ। ରାଜଭବନରେ ତାଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଶପଥ ପାଠ କରାଇବେ। ସୂଚନା ଅନୁଯାୟୀ ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଅପରାହ୍ଣ ୩ଟା ବେଳେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଓଡ଼ିଶାର ନୂଆ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଆସନ୍ତାକାଲି ଭୁବନେଶ୍ୱର ଆସିବେ। ସେ ୩ ତାରିଖରେ ଶପଥ ଗ୍ରହଣ କରିବେ। ରାଜଭବନରେ ତାଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଶପଥ ପାଠ କରାଇବେ। ସୂଚନା ଅନୁଯାୟୀ ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଅପରାହ୍ଣ ୩ଟା ବେଳେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ୫ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତ କରିଥିଲେ। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଗ୍ରହଣ କରିଥିଲେ ଏବଂ ତାଙ୍କ ସ୍ଥାନରେ ମିଜୋରାମର ରାଜ୍ୟପାଳ ଥିବା ଡକ୍ଟର ହରି ବାବୁ କମ୍ଭମପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ।

## 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍'ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ମୋଦୀ

**ଭୁବନେଶ୍ୱର:** ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଆସନ୍ତା ଜାନୁଆରି ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ସ୍ଥାନୀୟ ଜନତା ମଇଦାନଠାରେ ମହାସମାରୋହରେ ଏହା ପାଳନ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏହାର ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ନିଜର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧ। ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର। ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ। ଅଦ୍ୟାବଧି ୨୭୪୮ ଜଣ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜିକରଣ କରି ସାରିଲେଣି।

## ଜାନୁଆରି ୧୫ ସୁଦ୍ଧା ସରିବ ଇ-କେଓ୍ୱାଇସି: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

**ଭୁବନେଶ୍ୱର:** ଜାନୁଆରି ୧୫ତାରିଖ ସୁଦ୍ଧା ସରିବ ଇ-କେଓ୍ୱାଇସି। ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁମାନେ କାରଣରୁ ବୟସାଧିକ୍ୟ କାରଣରୁ ଇ-କେଓ୍ୱାଇସି କରିନାହାନ୍ତି, ସେମାନଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ଇ-କେଓ୍ୱାଇସି କରାଉଛନ୍ତି। ଅନ୍ୟପଟେ ଯେଉଁମାନେ ବାହାର ରାଜ୍ୟରେ ରହୁଛନ୍ତି ସେମାନଙ୍କ ଇ-କେଓ୍ୱାଇସି ପାଇଁ ବାହାର ରାଜ୍ୟକୁ ସରକାରୀ ଅଧିକାରୀ ଯିବେ। ଏହି କ୍ରମରେ ନିକଟରେ ଗୋଆରେ ଥିବା କିଛି ଲୋକଙ୍କ ଇ-କେଓ୍ୱାଇସି କରାଯାଇଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତଥ୍ୟ ଦେଇ କହିଛନ୍ତି, ସମସ୍ତଙ୍କର ଇ-କେଓ୍ୱାଇସି କରିବେ ସରକାର। ବର୍ତ୍ତମାନ ସୁଦ୍ଧା ୫୦ଲକ୍ଷ ହିତାଧିକାରୀ ଇ-କେଓ୍ୱାଇସି କରିନାହାନ୍ତି। ବର୍ତ୍ତମାନ ସୁଦ୍ଧା ୮୫ପ୍ରତିଶତ ଇ-କେଓ୍ୱାଇସି ସରିଲାଣି, ବାକି ଆସନ୍ତା ୧୫ତାରିଖ ସୁଦ୍ଧା ସରିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତଥ୍ୟ ଦେଇ କହିଛନ୍ତି, ସମସ୍ତଙ୍କର ଇ-କେଓ୍ୱାଇସି କରିବେ ସରକାର। ବର୍ତ୍ତମାନ ସୁଦ୍ଧା ୫୦ଲକ୍ଷ ହିତାଧିକାରୀ ଇ-କେଓ୍ୱାଇସି କରିନାହାନ୍ତି। ବର୍ତ୍ତମାନ ସୁଦ୍ଧା ୮୫ପ୍ରତିଶତ ଇ-କେଓ୍ୱାଇସି ସରିଲାଣି, ବାକି ଆସନ୍ତା ୧୫ତାରିଖ ସୁଦ୍ଧା ସରିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫କୁ ଅପେକ୍ଷା




**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ନିଜର ପ୍ରଥମ ନିବେଶକ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫'କୁ ନେଇ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ୨୦୨୫ ଜାନୁଆରି ୨୮ ଓ ୨୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏହି କନ୍‌କ୍ଲେଭ୍‌କୁ ସାରା ବିଶ୍ୱର ନିବେଶକମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଛି ନିବେଶକ ସମ୍ମିଳନୀ ଓ ରୋଡ୍ ସୋ'। ପୁଞ୍ଜିନିବେଶ କ୍ଷେତ୍ରରେ ରାଜ୍ୟକୁ ଏକ ପ୍ରମୁଖ ସ୍ଥାନ ଭାବେ ଉପସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଏହି କନ୍‌କ୍ଲେଭ୍ ଜରିଆରେ କେତେ ପୁଞ୍ଜି ଆଣିବାରେ ସରକାର ସଫଳ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୂର୍ବ ସରକାରଙ୍କ ଅମଳରେ ମେକ୍ ଇନ୍ ଓଡ଼ିଶାର ତିନିଟି ସଂସ୍କରଣକୁ ୨୦୧୬, ୨୦୧୮ ଓ ୨୦୨୨ରେ ଆୟୋଜନ କରାଯାଇଥିଲା। ଏହି ତିନିଟି ସଂସ୍କରଣ ଜରିଆରେ ରାଜ୍ୟକୁ ସମୁଦାୟ ୧୬,୭୫,୧୫୬ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ୨୦୧୬ରେ ଆସିଥିଲା ୨,୦୩,୨୩୫ କୋଟି ଟଙ୍କା। ଦ୍ୱିତୀୟ ସଂସ୍କରଣରେ ନିବେଶ ପ୍ରସ୍ତାବ ଦୁଇ ଗୁଣା ବୃଦ୍ଧି ପାଇ ହୋଇଥିଲା ୪,୨୩,୧୧୪ କୋଟି ଟଙ୍କା ହୋଇଥିଲା। କରୋନା ମହାମାରୀର ପରବର୍ତ୍ତୀ ସମୟରେ ୨୦୨୨ରେ ଆୟୋଜନ କରାଯାଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ରାଜ୍ୟକୁ ରେକର୍ଡ ୧୦,୪୮,୮୦୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆଣିଥିଲା। ତେଣୁ ଚଳିତ ସଂସ୍କରଣର କନ୍‌କ୍ଲେଭ୍‌କୁ ନେଇ ରାଜ୍ୟବାସୀଙ୍କ ମନରେ ଉତ୍ସାହ ରହିବା ସ୍ୱାଭାବିକ। ରାଜ୍ୟର ଶିଳ୍ପାୟନ ଇତିହାସର ପୃଷ୍ଠା ଲେଉଟାଇଲେ ପୁଞ୍ଜିନିବେଶ ନିରନ୍ତର ଭାବେ ବୃଦ୍ଧି ପାଉଥିବା ଜଣାପଡୁଛି। ୨୦୦୨ରେ ରାଜ୍ୟକୁ ମାତ୍ର ୩୫୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା।

## ଜାତୀୟ ୨୨ତମ ଲୋକମେଳା ଓ ୧୫ତମ କୃଷିମେଳା ଉଦ୍‌ଯାପିତ

**ପୁରୀ:** ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ୨୨ତମ ଜାତୀୟ ଲୋକମେଳା ଓ ୧୫ତମ ଜାତୀୟ କୃଷିମେଳା ଉଦ୍ ?ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗର ସଭାପତି ତଲୁଛ ନୀଳକଣ୍ଠ ମହାପାତ୍ର, ବରିଷ୍ଠ ସେବାୟତ ଭଗବାନ ସୂପକାର, ବଡୁ ସୁଆର ନିଯୋଗର ସଭାପତି ବିଶ୍ୱନାଥ ସାମନ୍ତରାୟ, ସହ ନିର୍ଦ୍ଦେଶକ ହସ୍ତ ଶିଳ୍ପ ଆୟୁକ୍ତ ପୁଷ୍ପ ରାଜନ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ରାଜେଶ କୁମାର, କାନାରା ବ୍ୟାଙ୍କର ଜଗଦୀଶ ଚନ୍ଦ୍ର ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର କାର୍ଯ୍ୟକାରୀ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ସାଂସ୍କୃତିକ ସଂପାଦକ ଶ୍ୟାମପ୍ରକାଶ ସେନାପତି, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ବିଦ୍ରୋହ ସିଂ ଯୋଗ ଦେଇଥିଲେ। ଲୋକମେଳା ଓ କୃଷିମେଳା ପ୍ରଶାସନିକ କମିଟିର ଅଧ୍ୟକ୍ଷ ବଦ୍ରି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସାଂସଦ ଶ୍ରୀ ପାତ୍ର ନିଜ ଅଭିଭାଷଣରେ ପ୍ରବାସୀ ଭାରତୀୟଙ୍କୁ ଭବ୍ୟ ସ୍ୱାଗତ ପାଇଁ ନିବେଦନ କରିଥିଲେ। ଶ୍ରୀ ପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ କେତେ ଭଲ ପାଉଛନ୍ତି, ନିକଟ ଅତୀତରେ ଆୟୋଜିତ କାର୍ଯ୍ୟକ୍ରମରୁ ସ୍ପଷ୍ଟ ବାରି ହୋଇପଡୁଛି। ନିକଟରେ ନୌସେନା ଦିବସ ପୁରୀ ବେଳାଭୂମିରେ ପାଳିତ ହୋଇଯାଇଛି। ଆଗାମୀ ଦିନରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ବେଳାଭୂମି ମହୋତ୍ସବ ବି ଆୟୋଜନ ହେବାକୁ ଯାଉଛି। ପ୍ରବାସୀ ଭାରତୀୟମାନେ ହେଉଛନ୍ତି ଆମ ଅତିଥି। ଏହି ଅତିଥିଙ୍କୁ ଆମେ ଏଭଳି ଆତିଥ୍ୟ ଦେଇ ଛାଡ଼ିବା, ଯାହାର ସେମାନେ ଓଡ଼ିଶା ବାହାରେ ବି ପ୍ରଶଂସା କରିବେ। ଏଣୁ ସମସ୍ତେ ପ୍ରବାସୀ ଭାରତୀୟଙ୍କୁ ନିଜର ଅତିଥି ଭାବେ ସ୍ୱାଗତ କରିବାକୁ ଶ୍ରୀ ପାତ୍ର ନିବେଦନ କରିଥିଲେ। ସେ ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ପ୍ରଶଂସା ଏବେ ବି ଲୋକଙ୍କ ମୁହଁରୁ ଶୁଣୁଥିବା କହିଥିଲେ। ଏହି ଅବସରରେ କୃଷିମେଳାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଭୁବନେଶ୍ୱର ଓୟୁଏଟି ପ୍ରଥମ ପୁରସ୍କାର, ପୁରୀ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱିତୀୟ ଓ ଭୁବନେଶ୍ୱର ଜାତୀୟ ମତ୍ସ୍ୟସଂପଦ ବିକାଶ ବୋର୍ଡ ତୃତୀୟ ପୁରସ୍କାର ପାଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଦଳ, ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଶେଷ ସନ୍ଧ୍ୟାରେ ଆସାମ, ପଞ୍ଜାବର କଳାକାରଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଅନ୍ୟ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଚନ୍ଦ୍ରବିଜୟୀ ମିଶ୍ର ମଞ୍ଚ ସଂଚାଳକ ଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଭରତ ନାୟକ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସଂପାଦକ ସତ୍ୟବ୍ରତ ଦାସ, ପ୍ରଯୁକ୍ତିବିଦ୍ୟା ସଂପାଦକ ରିତେଶ କୁମାର ମହାନ୍ତି, ପୁଷ୍କର ସାହୁ, ପ୍ରଶାନ୍ତ କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।








### ୧୫ତମ କୃଷିମେଳା ୨୦୨୪ରେ ପୁରସ୍କୃତ ହୋଇଥିବା ଅନୁଷ୍ଠାନ



ପ୍ରଥମ ସ୍ଥାନ
ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ



ଦ୍ୱିତୀୟ ସ୍ଥାନ
ସହ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ, ପୁରୀ



ଦ୍ୱିତୀୟ ସ୍ଥାନ ଜାତୀୟ ମତ୍ସ୍ୟସଂପଦ ବିକାଶ ବୋର୍ଡ, ଭୁବନେଶ୍ୱର




# ରୁପାରେ ଝଲସିବ ପତିତପାବନ ମନ୍ଦିର, ଶ୍ରୀବିଗ୍ରହଙ୍କ ସିଂହାସନ



**ପୁରୀ:** ଶ୍ରୀମନ୍ଦିରସ୍ଥିତ ପତିତପାବନଙ୍କ ମନ୍ଦିର ଓ ଗୁମୁଟ ପରିସର ଯମଶିଳା କାନ୍ଥପାର୍ଶ୍ୱ ରୁପାରେ ଝଲସିବ। ପତିତପାବନଙ୍କ ସମ୍ପୂର୍ଣ୍ଣ ମନ୍ଦିର ରୁପା ଛାଉଣିରେ ଆଚ୍ଛାଦିତ ହେବା ସହିତ ଶ୍ରୀବିଗ୍ରହଙ୍କ ସିଂହାସନ ମଧ୍ୟ ରୁପାରେ ନିର୍ମିତ ହେବ। ଏଥିପାଇଁ କଟକର ଏକ ଜୁଏଲାରି ସଂସ୍ଥା ପକ୍ଷରୁ ଆଜିଠୁ ମନ୍ଦିର ପରିସରରେ ରୁପା ଛାଉଣି କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତମାନଙ୍କ ଦାନ ସୂତ୍ରରେ ମିଳିଥିବା ରୁପା ଏବଂ ରୁପା ଦ୍ୱାର କାମ ବେଳେ ବଳକା ରହିଥିବା ରୁପାରେ ଏହାକୁ ପ୍ରସ୍ତୁତ କରାଯାଉଛି। ଦାନସୂତ୍ରରେ ଶ୍ରୀମନ୍ଦିରକୁ ପ୍ରାୟ ୩ଶହ କେଜି ରୁପା ମିଳିଛି। ତିନି ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯଦିଓ ସମସ୍ତ କାର୍ଯ୍ୟ ପାଇଁ ୩ ମାସ ଲକ୍ଷ୍ୟ ରଖାଯାଇଛି, ତେବେ ପତିତପାବନଙ୍କ ମନ୍ଦିର ରୁପା ଛାଉଣି କାର୍ଯ୍ୟ ସମ୍ଭବତଃ ନୂଆ ବର୍ଷରେ ଭକ୍ତମାନେ ଦେଖିବାର ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି। ଅଣସର ସମୟରେ ଦଶ ଅବତାର ଖଟ ମଧ୍ୟ ରୁପା ଆଚ୍ଛାଦିତ ହେବ। ୭ଟି ଚଳନ୍ତି ପ୍ରତିମାମାନଙ୍କ ପ୍ରଭା ମଧ୍ୟ ରୁପାରେ ଝଲସିବ। ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ଆଗକୁ ଭଣ୍ଡାର ଲୋକନାଥଙ୍କ ଦ୍ୱାର ସମେତ ପ୍ରଭା ଖିଲଣକୁ ରୁପା ଛାଉଣି କରାଯିବାର ଲକ୍ଷ୍ୟ ରଖାଯାଇଛି। ୬ ଫୁଟ ଉଚ୍ଚ ଓ ସାଢ଼େ ୩ ଫୁଟ ଓସାର ବିଶିଷ୍ଟ ଭଣ୍ଡାର ଲୋକନାଥଙ୍କ ଦ୍ୱାର ରୁପା ଆଚ୍ଛାଦିତ ହେବ। ଏ ନେଇ ଟେଣ୍ଡର ଡକାସରିଛି। ଏଥିସହ ଆଗକୁ ଅନ୍ୟ ତିନି ଦ୍ୱାରରେ ଏଲ୍ଇଡି ମାଧ୍ୟମରେ ଭକ୍ତଙ୍କୁ ନୀତିକାନ୍ତି ସମ୍ପର୍କିତ ସୂଚନା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ପତିତପାବନଙ୍କ ସମ୍ପୂର୍ଣ୍ଣ ମନ୍ଦିର, ସିଂହାସନ ସମେତ ଯମଶିଳା ପାର୍ଶ୍ୱ କାନ୍ଥ ଓ ଘଣ୍ଟା ଲାଗିଥିବା ସ୍ଥାନକୁ ରୁପାରେ ଆଚ୍ଛାଦିତ କରାଯିବା ଲାଗି ଏକ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଉଦଯାପିତ





**ପୁରୀ:** ପୁରୀ ଷ୍ଟର୍ଲିଂ ଛକ ଠାରେ ଚାଲିଥିବା ୪ ଦିନିଆ ୨୯ ତମ ଜାତୀୟ ସାଇକ୍ଲିଂ ଚମ୍ପିୟାନସିପ ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିଥିଲେ। ଏହା ପରେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରହମପୁରର ମାନ୍ୟବର ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାଇକେଲ ଚାଳନା ଶରୀରକୁ ସୁସ୍ଥ ରଖିବା ସହ ପରିବେଶ ସୁରକ୍ଷାରେ ସହାୟକ ହୋଇ ଥାଏ। ପ୍ରାୟ ୫୪ ବର୍ଷ ପରେ ପୁରୀରେ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଆୟୋଜନ ହେବା ଆନନ୍ଦର କଥା। ଏହା ଫଳରେ ଓଡ଼ିଶାର ସାଇକେଲ ଚାଳନା ରେ ରୁଚି ବୃଦ୍ଧି ପାଇବ। ସଫଳ ଆୟୋଜନ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ମନିନ୍ଦର ପାଲ ସିଂ, ଓଡିଶା ଅଲମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପୌଲ, ଓଡିଶା ସାଇକ୍ଲିଂ ଆସୋସିଏସନ ର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇ ସାଇକ୍ଲିଂ ପ୍ରତି ଲୋକ ମାନଙ୍କର ଆଗ୍ରହ ବଢ଼ିବା ସହ ଏହି ଭଳି ପ୍ରତିଯୋଗିତା ସେମାନ ଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ଦେଇଥିଲେ। ଶେଷରେ ଅତିଥି ମାନେ ଶ୍ରେଷ୍ଠ କ୍ରୀଡାବିତ ଓ ଦଳକୁ ପୁରସ୍କୃତ କରିଥିଲେ।

# ପୁରୀ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

## ବାଜପେୟୀ ସୁଶାସନର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ



**ପୁରୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସୁଶାସନ ର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ।ସାଧାରଣ ଲୋକ ମାନଙ୍କୁ ସାମାଜିକ ନ୍ୟାୟ ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ର ମିଳିତ ସହଯୋଗରେ ପୁରୀ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାଜପେୟୀ ଜଣେ ବହୁବିଧ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନୀତିଜ୍ଞ,ଧର୍ଯ୍ୟ ଓ ସହନଶୀଳତା ର ପ୍ରତୀକ ଥିଲେ ବୋଲି କହିଥିଲେ।ଗଣତନ୍ତ୍ର ର ଶାସନ ବ୍ୟବସ୍ଥା କୁ ସେ ମଜବୁତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ବାଜପେୟୀଙ୍କୁ ଜଣେ ସଚ୍ଚା ଦେଶଭକ୍ତ ଓ ଦୂରଦ୍ରଷ୍ଟା ବୋଲି କହିବା ସହ ବିଭିନ୍ନ ଉଦାହରଣ ଛଳରେ ତାଙ୍କ ସରଳ, ନିରାଡମ୍ବର ଓ ପ୍ରତିବଦ୍ଧତା ପୂର୍ଣ୍ଣ ଜୀବନ ଶୈଳୀ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ।ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର କେବଳ ନାମରେ ନୁହେଁ ବ୍ୟକ୍ତିତ୍ୱ,ସଂକଳ୍ପ, ଦେଶପ୍ରେମ ଓ କାମରେ ବି ବାଜପେୟୀ ଜୀ ଅଟଳ ଥିଲେ।ଭାରତ ବିଶ୍ୱ ଗୁରୁ ହୋଇ ପାରିବ ବୋଲି ଯେଉଁ ସ୍ୱପ୍ନ ସେ ଦେଖିଥିଲେ ତାହା ଆଜି ପୂରଣ ହୋଇଛି ବୋଲି ସେମାନେ କହିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟ ମାନ ଙ୍କ ମଧ୍ୟରେ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସହ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

**ପୁରୀ:** ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଗୋପ ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ ଗୋଟି ଅଭିଯୋଗ ମିଳିଥିଲା। ବ୍ୟକ୍ତିଗତ ଅଭିଯୋଗ ୩୩ ଗୋଟି, ଗ୍ରାମ ଅଭିଯୋଗ ୧୧ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ୧ ଗୋଟି ଆବେଦନ ରହିଥିଲା। ତନ୍ମଧ୍ୟରୁ ୨ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ବିଡ଼ିଓ ଛବିରାଣୀ ସାହୁ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ରହିଥିଲେ।



# କ୍ଷତିଗ୍ରସ୍ତ କୃଷକ ମାନଙ୍କୁ ସହାୟତା ଯୋଗାଇ ଦିଆଯିବ :ମନ୍ତ୍ରୀ ଶ୍ରୀ ସ୍ୱାଇଁ



**ପୁରୀ:** ଅଦିନିଆ ବର୍ଷା କୃଷକ ମାନଙ୍କୁ କଷ୍ଟ ଦେଇଛି।ସେମାନଙ୍କ ଉତ୍ପାଦିତ ସୁନା ର ଫସଲ କୁ ନଷ୍ଟ କରିଛି।କିନ୍ତୁ ସରକାର କୃଷକ ମାନଙ୍କ ସହ ଠିଆ ହୋଇଛନ୍ତି ଓ ସେମାନ ଙ୍କୁ ସମସ୍ତ ସହଯୋଗ ଦେବେ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଅଦିନିଆ ବର୍ଷା ରେ କ୍ଷତି ଗ୍ରସ୍ତ ହୋଇଥିବା ଫସଲ ର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସରକାର ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀ ଙ୍କ ସହ ରହିଛନ୍ତି ଓ ଏଥି ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଓ ତାଙ୍କ ନିର୍ଦ୍ଦେଶରେ ସମସ୍ତ ମନ୍ତ୍ରୀ ମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ଚାଷ ଜମି ପରିଦର୍ଶନ ସହ କୃଷକ ମାନଙ୍କ ସହ ଆଲୋଚନା କରୁଛନ୍ତି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ଅଦିନିଆ ବର୍ଷା ରେ ଜିଲ୍ଲା ରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପିପିଲି ବିଡ଼ିଓ ସରୋଜ କୁମାର ରାଉତ,ଡିଆରସିଏସ ସୁନିତା ପତି, ଜିଲ୍ଲାର ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ଯୁବ ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ

**ପୁରୀ:** ଜାତୀୟ ଯୁବ ଉତ୍ସବର ପୁରୀ ଜିଲ୍ଲା ସ୍ତରୀୟ ବିବିଧ ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଭୋଳାନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମ୍ବର୍ଦ୍ଧିତ କରିଥିଲେ।ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି।ଏହାକୁ ଲୋକ ଲୋଚନକୁ ଆଣିବା ଏହି ଯୁବ ଉତ୍ସବ ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ନାୟକ କହିବା ସହ ପ୍ରଥମ ହୋଇଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରକୁ ଯାଉଥିବାରୁ ବର୍ତ୍ତମାନ ଠାରୁ ଅଧିକ ପରିଶ୍ରମ କରି ରାଜ୍ୟ ସ୍ତରରେ ଶ୍ରେଷ୍ଠ ହୋଇ ଜିଲ୍ଲାର ସୁନାମ ବଢାନ୍ତୁ ବୋଲି ଆଶା ବ୍ୟକ୍ତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ର ପରିଚାଳନା ସହ ଜିଲ୍ଲାର କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସନିକ



ଅଧିକାରୀ ପଦ୍ମନାଭ ପଣ୍ଡା, ଶିକ୍ଷାବିତ ବିଶ୍ୱନାଥ ବେହେରା, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ମହାନ୍ତି, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀ ଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ପଦ୍ୟ ରଚନା ପ୍ରତିଯୋଗିତା (ହିନ୍ଦୀ/ଇଂରାଜୀ), ଗଳ୍ପ ଲିଖନ ପ୍ରତିଯୋଗିତା (ହିନ୍ଦୀ ଓ ଇଂରାଜୀ), ବକ୍ତୃତା ପ୍ରତିଯୋଗିତା (ହିନ୍ଦୀ ଓ ଇଂରାଜୀ) , ଦଳଗତ ଲୋକ ନୃତ୍ୟ ଓ ଲୋକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ ପ୍ରତିଯୋଗୀ ଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ,ପୂର୍ବତନ ନିର୍ଦ୍ଦେଶକ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ମାନସ ରଞ୍ଜନ ମହାପାତ୍ର,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ସମୀକ୍ଷା ବୈଠକ



**ପୁରୀ:** ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ।ଭୁବନେଶ୍ୱର ରେ ଏହା ଆୟୋଜିତ ହେଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି।ସେଥିପାଇଁ ସେମାନ ଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଆଜି ଅପରାହ୍ନ ରେ ବିଭିନ୍ନ କାର୍ଯ୍ୟ ର ସମୀକ୍ଷା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କରିଥିଲେ। ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସୁଥିବା ପ୍ରବାସୀ ଭାରତୀୟ ଅତିଥି ମାନଙ୍କୁ ସ୍ୱାଗତ,ସ୍ୱଚ୍ଛନ୍ଦ ରହଣୀ ସହ ସେମାନ ଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣ ର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳ କୁ ସେମାନେ ପରିଦର୍ଶନ କରିବେ।ସେମାନ ଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଛତା ଇତ୍ୟାଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ।ପ୍ରବାସୀ ଭାରତୀୟ ମାନଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦି କରାଯାଉଛି।

# ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଶାନ ସମୃଦ୍ଧି ସହ ଯୋଜନା କର୍ମଶାଳା



**ପୁରୀ:** ସରକାରଙ୍କ ଲକ୍ଷ୍ୟ ମତ୍ସ୍ୟଜୀବୀଙ୍କୁ ଏକାଠି କରିବା, ସେମାନଙ୍କ ସ୍ୱାର୍ଥ ରକ୍ଷା କରିବା ଓ ସମସ୍ତ ସହଯୋଗ ଯୋଗାଇ ଦେବା। ସେଥିପାଇଁ ସେମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଫସଲ ଓ ଉପକରଣ କୁ ବୀମାଭୁକ୍ତ କରିବା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାରେ ଦୁଆ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପ୍ରଥମ ଦିନ ର ଏହି କର୍ମଶାଳା କୁ ଉଦଘାଟନ କରି ବରିଷ୍ଠ ବୈଜ୍ଞାନିକ ଡଃ ଜ୍ଞାନ ରଞ୍ଜନ ଦାଶ ଜଳବାୟୁ ପରିବର୍ତ୍ତନ, ପରିବେଶ ର ପରିବର୍ତ୍ତନ ଓ ସମୟ ର ଆବଶ୍ୟକତା ଅନୁସାରେ ଆମ କୃଷି ପ୍ରଣାଳୀ କୁ ପରିବର୍ତ୍ତନ ର ସମୟ ଆସିଛି।ବର୍ତ୍ତମାନ ବୈଷୟିକ ଜ୍ଞାନ କୌଶଳ, ଅତ୍ୟାଧୁନିକ ଉପକରଣ, ଉତ୍କୃଷ୍ଟ ବିହନ ର ଉପଯୋଗ କରି ଆମେ ଲାଭବାନ ହେବା ସହ କ୍ଷୟକ୍ଷତି ର ଭରଣା ପାଇଁ ନିଶ୍ଚିତ ଭାବେ ବୀମା କରାଇ ନେବାକୁ ଅନୁରୋଧ କରିଥିଲେ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ



**ପୁରୀ:** ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ସଡକକୁ ସୁସ୍ଥ,ସୁରକ୍ଷିତ ଓ ସଠିକ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପରିବହନ କାର୍ଯ୍ୟାଳୟର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରାଜେଶ କୁମାର ମହାପାତ୍ର, ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଡ଼ିଏମଓ ଙ୍କ ପ୍ରତିନିଧି ଡା ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଡିଆଇବି ଡିଏସପି ରମେଶ ଚନ୍ଦ୍ର ଦାଶ, ସହକାରୀ ଏମଭିଆଇ ଅମିତ କୁମାର ରଣା, ଶିକ୍ଷା କାର୍ଯ୍ୟାଳୟ ର ଆଇପିଇ ମହେନ୍ଦ୍ର କୁମାର ବିଶ୍ୱାଳ, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ ମାଲିକ ସଂଘର ରାଜବଲ୍ଲଭ ମିଶ୍ର,ଅନନ୍ତ ସିଂ, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ,ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ। ଏଥିରେ ଉଲେଖ୍ୟ କରାଯାଇଅଛିକି ଆଗକୁ କଡାକଡି ଭାବରେ ଯାଞ୍ଚ କରାଯିବ ଏବଂ ଆଞ୍ଚଳିକ ପରିବହନ ଅଫିସ, ପୋଲିସଙ୍କ ମିଳିତ ଭାବରେ ଯାଞ୍ଚ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ.

# ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ




**ପୁରୀ:** ସଦଭାବନା ସଭା ଗୃହ ଠାରେ ଗୁଡ଼ ଗଭର୍ଣ୍ଣାନ୍ସ ବା ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେମିତି ଲୋକ ମାନଙ୍କ ନିକଟରେ ସହଜ ରେ ଉପଲବ୍ଧ ହେବ ଓ ଲୋକ ମାନଙ୍କ ମୌଳିକ ଆବଶ୍ୟକତା, ସମସ୍ୟା ଓ ତାହାର ସମାଧାନ କ୍ଷେତ୍ରରେ ବିଭାଗ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବୋଧର ସହ କାର୍ଯ୍ୟ କରିବେ ତାହା ହିଁ ସୁଶାସନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସେଥିପାଇଁ ଅଭିଯୋଗ ଶୁଣାଣି କୁ ଗୁରୁତ୍ୱ ଦିଆଯାଇ ସକ୍ରିୟ କରାଯାଉଛି ବୋଲି ସେ ମତ ଦେବା ସହ ଜନ ସାଧାରଣ ଯେତେ ସଚେତନ ହେବେ ସେମାନଙ୍କ ସମସ୍ୟା ସମାଧାନ ସେତେ ସହଜ ହୋଇ ପାରିବ ବୋଲି କହିଥିଲେ।ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ ସେମାନଙ୍କ ଲୋକାଭିମୁଖୀ ଯୋଜନାର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା।କାର୍ଯ୍ୟକ୍ରମ ରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ବିବେକାନନ୍ଦ ସାହୁ, ସହଦେ୍ୱ ସାହୁ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ତନ୍ମୟ ଦାସ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ।ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୫ ଗୋଟି ଅଭିଯୋଗ ମିଳିଥିଲା।ସେଥିରୁ ବ୍ୟକ୍ତିଗତ ୫୮ ଟି,ଗ୍ରାମ୍ୟ ସମସ୍ୟା ୬ ଗୋଟି,ରେଡକ୍ରସରୁ ସହାୟତା ୧ ଗୋଟି ଅଭିଯୋଗ ମିଳିଥିଲା।ସେଥିରୁ ତତ୍କାଳୀନ ୮ ଟି ର ସମାଧାନ ହୋଇଥିଲା।ଅନ୍ୟ ଗୁଡିକୁ ଆଇନ ଅନୁଯାୟୀ ସମାଧାନ ପାଇଁ ବିଭିନ୍ନ ବିଭାଗ କୁ ପ୍ରେରଣ କରା ଯାଇଥିଲା।

# ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ

**ପୁରୀ:** ସରକାରଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା।ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି।ଏହି ଉଦ୍ଦେଶ୍ୟ ରେ ପ୍ରଶାସନ ଗାଁଓ କି ଓର ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଅଧିକାରୀ ମାନଙ୍କ ପୁରୀ ଜିଲ୍ଲା କୁ ଏକ ଗସ୍ତ ବ୍ୟବସ୍ଥା ଅନୁଷ୍ଠିତ ହୋଇଥିଲା କେନ୍ଦ୍ର ଆଡମିନଷ୍ଟ୍ରେଟିଭ ରିଫର୍ମ୍ସ ଓ ପବ୍ଲିକ ଗ୍ରିଭାନ୍ସ ବା ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ମନ୍ତ୍ରାଳୟ ର ଅଣ୍ଡର ସେକ୍ରେଟାରୀ ଲକ୍ଷ୍ମୀ ଚନ୍ଦ୍ରା, ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ ବା ସିଏମଜିଆଇର ପ୍ରୋଗ୍ରାମ ଅଧିକାରୀ ରାଜ କିଶୋର ପଟ୍ଟନାୟକ ଓ ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ପିପିଲି ବ୍ଲକର ଦାଣ୍ଡ ମକୁନ୍ଦପୁର, ସତ୍ୟବାଦୀ ବ୍ଲକର ପେଣ୍ଠପଡା ଓ ପୁରୀ ସଦର ବ୍ଲକର ବାଲିଗୁଆଳୀ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।ସରକାରୀ ଯୋଜନା , ତାହାର ରୂପରେଖ, ହିତାଧିକାରୀ ଚୟନ, କାର୍ଯ୍ୟ କାରିତା ଓ ତାହାର ସୁଫଳ ସମ୍ପର୍କରେ ସେମାନେ ଅନୁଧ୍ୟାନ କରିଥିଲେ।

# ପୁରୀବେଳାଭୂମୀଠାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଅନୁଷ୍ଠିତ ୨୨ତମ ଜାତୀୟ ଲୋକମେଳା ଓ ୧୫ତମ କୃଷି ମେଳା ୨୦୨୪



# ଦୂରଦୃଷ୍ଟି ଓ ସଂକଳ୍ପର ରାଷ୍ଟ୍ରନେତା

ଆଜି ୨୫ ଡିସେମ୍ବର, ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ । ଆମ ଦେଶ ଆମର ପ୍ରିୟ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳନ କରୁଛି । ସେ ଜଣେ ରାଷ୍ଟ୍ରନେତା ଭାବରେ ଅଗଣିତ ଲୋକଙ୍କୁ ପ୍ରେରଣା ଦେଉଛନ୍ତି। ଏକବିଂଶ ଶତାବ୍ଦୀରେ ଭାରତ ପରିବର୍ତ୍ତନର ସ୍ଥପତି ହୋଇଥିବାରୁ ଆମ ଦେଶ ସର୍ବଦା ଅଟଳଜୀଙ୍କ ନିକଟରେ କୃତଜ୍ଞ ହୋଇ ରହିବ। ୧୯୯୮ରେ ଯେତେବେଳେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ, ସେତେବେଳେ ଆମ ଦେଶ ରାଜନୈତିକ ଅସ୍ଥିରତା ମଧ୍ୟଦେଇ ଗତି କରୁଥିଲା। ପ୍ରାୟ ୯ବର୍ଷ ମଧ୍ୟରେ ଆମେ ୪ଟି ଲୋକସଭା ନିର୍ବାଚନ ଦେଖିଥିଲୁ । ଭାରତର ଲୋକମାନେ ଧୈର୍ଯ୍ୟହରା ହୋଇପଡ଼ିବା ସହ ସରକାରମାନେ ପ୍ରଶାସନ ପରିଚାଳନା କରିବାରେ ସକ୍ଷମ ହେବା ନେଇ ସନ୍ଦେହ ମଧ୍ୟ କରୁଥିଲେ। ଅଟଳଜୀ ହିଁ ସ୍ଥିର ଏବଂ ପ୍ରଭାବଶାଳୀ ଶାସନ ପ୍ରଦାନ କରି ଏହି ଧାରାକୁ ବଦଳାଇଥିଲେ। ସାଧାରଣ ପୃଷ୍ଠଭୂମିରୁ ଆସିଥିବା କାରଣରୁ ସେ ସାଧାରଣ ନାଗରିକଙ୍କ ସଂଘର୍ଷ ଏବଂ ପ୍ରଭାବଶାଳୀ ପ୍ରଶାସନର ପରିବର୍ତ୍ତନଶୀଳ ଶକ୍ତିକୁ ଅନୁଭବ କରିଥିଲେ। ଆମ ଆଖପାଖରେ ଅନେକ କ୍ଷେତ୍ରରେ ଅଟଳଜୀଙ୍କ ନେତୃତ୍ୱର ଦୀର୍ଘକାଳୀନ ପ୍ରଭାବ ଦେଖିବାକୁ ମିଳିଥାଏ । ତାଙ୍କ ଯୁଗରେ ସୂଚନା ପ୍ରଯୁକ୍ତିବିଦ୍ୟା, ଦୂରସଞ୍ଚାର ଏବଂ ଯୋଗାଯୋଗ ଦୁନିଆରେ ଏକ ବିରାଟ ପ୍ରଗତି ଦେଖିବାକୁ ମିଳିଥିଲା। ଅତି ସକ୍ରିୟ ଯୁବଶକ୍ତି ରହିଥିବା ଆମ ଭଳି ଏକ ରାଷ୍ଟ୍ର ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ଅଟଳଜୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ସାଧାରଣ ନାଗରିକଙ୍କ ପାଖରେ ପ୍ରଯୁକ୍ତିକୁ ପହଞ୍ଚାଇବା ପାଇଁ ପ୍ରଥମ ଥର ଗମ୍ଭୀର ପ୍ରୟାସ କରିଥିଲେ। ଏଥି ସହିତ ଭାରତକୁ ଯୋଡ଼ିବାରେ ସରକାରଙ୍କର ଦୂରଦୃଷ୍ଟି ମଧ୍ୟ ରହିଥିଲା। ଆଜି ବି ଅଧିକାଂଶ ଲୋକ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପକୁ ମନେ ପକାଇଥାନ୍ତି, ଯାହା ସମଗ୍ର ଭାରତକୁ ରାଜପଥ ଜରିଆରେ ସଂଯୋଗ କରିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ଆଞ୍ଚଳିକ ଗମନାଗମନରେ ସୁଧାର ଆଣିବା ପାଇଁ ବାଜପେୟୀ ସରକାରଙ୍କ ପ୍ରୟାସ ମଧ୍ୟ ସମାନ ଭାବରେ ଉଲ୍ଲେଖନୀୟ ଥିଲା। ସେହି ଭଳି ତାଙ୍କ ସରକାର ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରକଳ୍ପ ଭାବରେ ଉଭା ହୋଇଥିବା ଦିଲ୍ଲୀ ମେଟ୍ରୋ ପାଇଁ ବ୍ୟାପକ କାର୍ଯ୍ୟ କରି ମେଟ୍ରୋ ସଂଯୋଗକୁ ପ୍ରୋତ୍ସାହନ ଦେଇଥିଲେ । ତେଣୁ ବାଜପେୟୀ ସରକାର କେବଳ ଅର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିନଥିଲେ ବରଂ ଦୂରବର୍ତ୍ତୀ ଅଞ୍ଚଳକୁ ନିକଟତର କରି ଦେଶର ଏକତା ଓ ଅଖଣ୍ଡତାକୁ ପ୍ରୋତ୍ସାହିତ କରିଥିଲେ। ଅଟଳଜୀ ଏପରି ଏକ ଭାରତ ଗଠନ କରିବାର ସ୍ୱପ୍ନ ଦେଖୁଥିଲେ ଯେଉଁଠାରେ ଆଧୁନିକ ଶିକ୍ଷା ସମଗ୍ର ଦେଶରେ, ବିଶେଷ କରି ଗରିବ ଓ ଅବହେଳିତ ବର୍ଗଙ୍କ ପାଇଁ ଉପଲବ୍ଧ ହୋଇପାରିବ। ସାମାଜିକ କ୍ଷେତ୍ରରେ 'ସର୍ବଶିକ୍ଷା ଅଭିଯାନ' ଭଳି ପଦକ୍ଷେପ ତାଙ୍କର ଏହି ଦୃଷ୍ଟିକୋଣକୁ ପ୍ରଦର୍ଶିତ କରିଥାଏ। ଏଥିସହିତ ତାଙ୍କ ସରକାର ଅନେକ ଆର୍ଥିକ ସଂସ୍କାର ଆରମ୍ଭ କରିଥିଲେ, ଯାହାଫଳରେ ଦୀର୍ଘ ଦଶନ୍ଧି ପର୍ଯ୍ୟନ୍ତ ପ୍ରିୟାପ୍ରୀତି ତୋଷଣ ଏବଂ ସ୍ଥାଣୁତାକୁ ପ୍ରୋତ୍ସାହନ ଦେଉଥିବା ଆର୍ଥିକ ଦର୍ଶନକୁ ଅନୁସରଣ କରିବା ଛାଡ଼ି ଭାରତୀୟ ଅର୍ଥବ୍ୟବସ୍ଥାର ବାସ୍ତବିକ ଅଭିବୃଦ୍ଧି ପାଇଁ ମଞ୍ଚ ପ୍ରସ୍ତୁତ ହୋଇଥିଲା। ଶ୍ରୀ ବାଜପେୟୀଙ୍କ ନେତୃତ୍ୱର ଏକ ଚମତ୍କାର ଉଦାହରଣ ୧୯୯୮ ଗ୍ରୀଷ୍ମଋତୁରେ ଦେଖିବାକୁ ମିଳିଥିଲା। ମେ' ୧୧ ତାରିଖରେ ତାଙ୍କ ସରକାର ଦାୟିତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭାରତ ପୋଖରାନ ପରୀକ୍ଷଣ ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି କରିଥିଲା, ଯାହା ଅପରେସନ ଶକ୍ତି ନାମରେ ପରିଚିତ। ଏହି ପରୀକ୍ଷଣ ଭାରତର ବୈଜ୍ଞାନିକମାନଙ୍କ ଦକ୍ଷତାର ପରିଚୟ ଦେଇଥାଏ। ଭାରତ ଏହି ପରୀକ୍ଷଣ କରିଥିବାରୁ ସାରା ବିଶ୍ୱ ଚକିତ ହୋଇଯାଇଥିଲା ଏବଂ ସ୍ପଷ୍ଟ ଶବ୍ଦରେ ନିଜର କ୍ରୋଧ ପ୍ରକାଶ କରିଥିଲା। ଅନ୍ୟ କେହି ସାଧାରଣ ନେତା ହୋଇଥିଲେ ମୁଣ୍ଡ ନୁଆଁଇଥାନ୍ତେ, କିନ୍ତୁ ଅଟଳଜୀ ଥିଲେ ଭିନ୍ନ ବ୍ୟକ୍ତିତ୍ୱ। ପରିଣାମ କ'ଣ ହେଲା ଏହାର ଦୁଇ ଦିନ ପରେ ଅର୍ଥାତ୍ ମଇ ୧୩ ତାରିଖରେ ଆଉ ଏକ ପରୀକ୍ଷଣ ପାଇଁ ସରକାର ଘୋଷଣା କରିବା ସହ ଭାରତ ଦୃଢ଼ତାର ସହିତ ନିଜର ସ୍ଥିତି ଜାହିର କରିଥିଲା। ୧୧ ତାରିଖର ପରୀକ୍ଷଣରେ ବୈଜ୍ଞାନିକଙ୍କର କୌଶଳ ଦେଖିବାକୁ ମିଳିଥିବା ବେଳେ ୧୩ ତାରିଖରେ ହୋଇଥିବା ପରୀକ୍ଷଣରେ ପ୍ରକୃତ ନେତୃତ୍ୱ ଦେଖିବାକୁ ମିଳିଥିଲା। ଭାରତ କୌଣସି ଧମକ କିମ୍ବା ଚାପରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ବିଶ୍ୱକୁ ବାର୍ତ୍ତା ଦେଇଥିଲା। ଅନ୍ତର୍ଜାତୀୟ କଟକଣାର ସମ୍ମୁଖୀନ ହୋଇଥିଲେ ମଧ୍ୟ ବାଜପେୟୀଙ୍କ ତତ୍କାଳୀନ ଏନଡିଏ ସରକାର ଦୃଢ଼ତାର ସହ ନିଜର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭାରତର ଅଧିକାରକୁ ଦର୍ଶାଇଥିଲେ ଏବଂ ଏହା ସହିତ ବିଶ୍ୱ ଶାନ୍ତିର ସବୁଠାରୁ ଶକ୍ତିଶାଳୀ ପ୍ରବକ୍ତା ହୋଇଥିଲେ। ଅଟଳଜୀ ଭାରତୀୟ ଗଣତନ୍ତ୍ରକୁ ବୁଝିଥିଲେ ଏବଂ ଏହାକୁ ଅଧିକ ଦୃଢ଼ କରିବାର ଆବଶ୍ୟକତାକୁ ମଧ୍ୟ ହୃଦୟଙ୍ଗମ କରିଥିଲେ। ଅଟଳଜୀ ଏନଡିଏ ମେଣ୍ଟର ଅଧ୍ୟକ୍ଷତା କରିଥିଲେ, ଯାହା ଭାରତୀୟ ରାଜନୀତିରେ ମେଣ୍ଟ ପରିଚାଳନାକୁ ପୁନଃପରିଭାଷିତ କରିଥିଲା। ସେ ଲୋକଙ୍କୁ ଏକାଠି କରି ଏନଡିଏକୁ ବିକାଶ, ଜାତୀୟ ପ୍ରଗତି ଏବଂ ଆଞ୍ଚଳିକ ଆକାଂକ୍ଷା ପୂର୍ତ୍ତି ପାଇଁ ଏକ ଶକ୍ତିରେ ପରିଣତ କରିଥିଲେ। ତାଙ୍କ ରାଜନୈତିକ ଯାତ୍ରା ସମୟରେ ତାଙ୍କ ସଂସଦୀୟ ଦକ୍ଷତା ଦେଖିବାକୁ ମିଳିଥିଲା। ହାତଗଣତି ସାଂସଦ ଥିବା ଦଳରୁ ସେ ପ୍ରତିନିଧିତ୍ୱ କରୁଥିଲେ, କିନ୍ତୁ ତାଙ୍କ କଥା ସେତେବେଳେ ସର୍ବଶକ୍ତିଶାଳୀ କଂଗ୍ରେସ ଦଳର ଶକ୍ତିକୁ ଦୋହଲାଇଦେବା ପାଇଁ ଯଥେଷ୍ଟ ଥିଲା। ପ୍ରଧାନମନ୍ତ୍ରୀ ଭାବରେ ସେ ବିରୋଧୀଙ୍କ ସମାଲୋଚନାକୁ ସ୍ୱତନ୍ତ୍ର ଶୈଳୀ ଓ ସାମର୍ଥ୍ୟର ସହ ମୁକାବିଲା କରିଥିଲେ। ତାଙ୍କର କ୍ୟାରିୟର ମୁଖ୍ୟତଃ ବିରୋଧୀ ଦଳରେ ବିତିଥିଲା, କିନ୍ତୁ କଂଗ୍ରେସ ତାଙ୍କୁ ଦେଶଦ୍ରୋହୀ କହି ଅତି ନିମ୍ନସ୍ତରକୁ ଖସି ଆସିଥିଲେ ମଧ୍ୟ ତାଙ୍କ ମନରେ କେବେ ବି କାହା ବିରୋଧରେ ତିକ୍ତତା ନଥିଲା। ସୁବିଧାବାଦୀ ଉପାୟରେ କ୍ଷମତାରେ ରହିବାକୁ ମଧ୍ୟ ସେ କେବେ ବି ଆଗ୍ରହୀ ନଥିଲେ। ଘୋଡ଼ାବେପାର ଓ ଘୃଣ୍ୟ ରାଜନୀତିର ମାର୍ଗ ଅନୁସରଣ କରିବା ପରିବର୍ତ୍ତେ ୧୯୯୬ରେ ସେ ଇସ୍ତଫା ଦେବାକୁ ପସନ୍ଦ କରିଥିଲେ। ୧୯୯୯ରେ ତାଙ୍କ ସରକାର ଗୋଟିଏ ଭୋଟରେ ପରାସ୍ତ ହୋଇଥିଲା। ସେତେବେଳେ ହେଉଥ?ବା ଅନୈତିକ। ରାଜନୀତିର ମୁକାବିଲା କରିବା ପାଇଁ ଅନେକ ଲୋକ ତାଙ୍କୁ କହିଥିଲେ, କିନ୍ତୁ ସେ ନିୟମ ମାନି ଆଗକୁ ବଢ଼ିବା ପାଇଁ ପସନ୍ଦ କରିଥିଲେ । ଶେଷରେ ସେ ଜନତାଙ୍କ ଠାରୁ ଆଉ ଏକ ମଜବୁତ ଜନାଦେଶ ନେଇ ଫେରିଥିଲେ। ଯେତେବେଳେ ଆମ ସମ୍ବିଧାନର ସୁ ରକ୍ଷା ପାଇଁ ପ୍ରତିବଦ୍ଧତା କଥା ଆସେ, ଅଟଳଜୀ ସର୍ବୋଚ୍ଚ ସୋପାନରେ ଠିଆ ହୋଇଥିବା ଦେଖିବାକୁ ମିଳନ୍ତି। ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ସହିଦ ହେବା ଘଟଣାରେ ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ଏହାର ଅନେକ ବର୍ଷ ପରେ ସେ ଜରୁରିକାଳୀନ ପରିସ୍ଥିତି ବିରୋଧୀ ଆନ୍ଦୋଳନର ଏକ ସ୍ତମ୍ଭ ସାଜିଥିଲେ । ଜରୁରି ପରିସ୍ଥିତି ପରେ ୧୯୭୭ ନିର୍ବାଚନ ପୂର୍ବରୁ ସେ ନିଜ ଦଳ(ଜନସଂଘ)କୁ ଜନତା ପାର୍ଟିରେ ମିଶ୍ରଣ କରିବାକୁ ରାଜି ହୋଇଥିଲେ। ମୁଁ ନିଶ୍ଚିତ ଯେ ତାଙ୍କ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ଏହା ଏକ ଯନ୍ତ୍ରଣାଦାୟକ ନିଷ୍ପତ୍ତି ହୋଇଥବ, କିନ୍ତୁ ସେତେବେଳେ ସମ୍ବିଧାନର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଭାରତୀୟ ସଂସ୍କୃତି ସହ ଅଟଳଜୀଙ୍କର କେତେ ଗଭୀର ସମ୍ପର୍କ ଥିଲା ତାହା ମଧ୍ୟ ଉଲ୍ଲେଖନୀୟ । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ହେବା ପରେ ସେ ଜାତିସଂଘରେ ହିନ୍ଦୀରେ ଭାଷଣ ଦେବାରେ ପ୍ରଥମ ଭାରତୀୟ ନେତା ହୋଇଥିଲେ। ଏହି ଗୋଟିଏ ପଦକ୍ଷେପ ଭାରତର ଐତିହ୍ୟ ଓ ପରିଚୟକୁ ନେଇ ତାଙ୍କ ସୀମାହୀନ ସ୍ୱାଭିମାନକୁ ପ୍ରଦର୍ଶିତ କରିବା ସହ ବିଶ୍ୱ ସ୍ତରରେ ତାଙ୍କର ଏକ ଅବିସ୍ମରଣୀୟ ଛାପ ଛାଡିଥିଲା । ଅଟଳଜୀଙ୍କ ବ୍ୟକ୍ତିତ୍ୱ ଚୁମ୍ବକୀୟ ଥିଲା ଏବଂ ସାହିତ୍ୟ ଓ ଅଭିବ୍ୟକ୍ତି ପ୍ରତି ତାଙ୍କର ଭଲପାଇବା କାରଣରୁ ତାଙ୍କ ଜୀବନ ସମୃଦ୍ଧ ହୋଇଥିଲା। ଜଣେ ଉତ୍କୃଷ୍ଟ ଲେଖକ ଓ କବି ଭାବେ ସେ ବିଚାର ଉଦ୍ରେକକାରୀ ତଥା ପ୍ରେରଣାଦାୟୀ ଲେଖା ଲେଖୁଥିଲେ। ତାଙ୍କର ଲେଖା ସାନ୍ତ୍ୱନା ପ୍ରଦାନକାରୀ ମଧ୍ୟ ଥିଲା। ତାଙ୍କର କବିତାରେ, ପ୍ରାୟତଃ ତାଙ୍କର ଅନ୍ତରୀଣ ସଂଘର୍ଷ, ଦେଶ ପାଇଁ ରହିଥିବା ଆଶା ପ୍ରତିଫଳିତ ହୋଇଥାଏ । ଏହା ବର୍ତ୍ତମାନ ସୁଦ୍ଧା ଅନେକ ପିଢ଼ିର ଲୋକଙ୍କୁ ପ୍ରଭାବିତ କରି ଚାଲିଛି । ଅଟଳଜୀଙ୍କ ଭଳି ଜଣେ ବ୍ୟକ୍ତିଙ୍କ ଠାରୁ ଶିଖିବା ଏବଂ ତାଙ୍କ ସହ କଥା ହେବାରେ ସକ୍ଷମ ହେବା ମୋ ଭଳି ଅନେକ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ବିଜେପି ପାଇଁ ତାଙ୍କର ଅବଦାନ ଥିଲା ମୂଳ ଆଧାର। ତତ୍କାଳୀନ ସମୟରେ ପ୍ରଭାବଶାଳୀ କଂଗ୍ରେସର ବିକଳ୍ପ ଆଭିମୁଖ୍ୟ ଗ୍ରହଣ କରିବାରେ ନେତୃତ୍ୱ ନେବା ତାଙ୍କର ମହାନତାକୁ ପ୍ରଦର୍ଶିତ କରିଥାଏ। ଶ୍ରୀ ଲାଲକୃଷ୍ଣ ଆଡଭାନୀ ଜୀ ଏବଂ ଡକ୍ଟର ମୁରଲୀ ମନୋହର ଯୋଶୀଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିଶି ସେ ଦଳକୁ ଏହାର ପ୍ରାରମ୍ଭିକ ଅବସ୍ଥାରୁ ଆଗକୁ ବଢ଼ାଇଥିଲେ। ଏଥିପାଇଁ ସେମାନଙ୍କୁ ଅନେକ ଆହ୍ୱାନ, ପରାଜୟ ଏବଂ ବିଜୟର ସାମ୍?ନା କରିବାକୁ ପଡ଼ିଥିଲା। ଆଦର୍ଶ ଓ କ୍ଷମତା ମଧ୍ୟରୁ ସେ ସବୁବେଳେ ପ୍ରଥମଟିକୁ ବାଛିଥିଲେ। ସେ ଦେଶବାସୀଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ ଯେ କଂଗ୍ରେସର ଏକ ବିକଳ୍ପ ବିଶ୍ୱ ଦୃଷ୍ଟିକୋଣ ସମ୍ଭବ ଏବଂ ଏପରି ଦୃଷ୍ଟିକୋଣ ସୁଶାସନ ଦେଇପାରିବ। ଆସନ୍ତୁ, ତାଙ୍କ ୧୦୦ତମ ଜୟନ୍ତୀ ଅବସରରେ ତାଙ୍କ ଆଦର୍ଶକୁ ସାକାର କରିବା ଏବଂ ଭାରତ ପାଇଁ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ନିଜକୁ ସମର୍ପିତ କରିବା। ଆସନ୍ତୁ, ଆମେ ଏପରି ଏକ ଭାରତ ଗଠନ ପାଇଁ ପ୍ରୟାସ କରିବା ଯାହା ତାଙ୍କର ସୁଶାସନ, ଏକତା ଏବଂ ପ୍ରଗତିର ନୀତିକୁ ପ୍ରତିଫଳିତ କରିବ। ଆମ ଦେଶର ସାମର୍ଥ୍ୟ ଉପରେ ଅଟଳଜୀଙ୍କ ଅତୁଟ ବିଶ୍ୱାସ ଆମକୁ ଉଚ୍ଚ ଲକ୍ଷ୍ୟ ହାସଲ କରିବା ଏବଂ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି।


ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ଅଟଳଜୀଙ୍କ ବ୍ୟକ୍ତିତ୍ୱ ଚୁମ୍ବକୀୟ ଥିଲା ଏବଂ ସାହିତ୍ୟ ଓ ଅଭିବ୍ୟକ୍ତି ପ୍ରତି ତାଙ୍କର ଭଲପାଇବା କାରଣରୁ ତାଙ୍କ ଜୀବନ ସମୃଦ୍ଧ ହୋଇଥିଲା । ଜଣେ ଉତ୍କୃଷ୍ଟ ଲେଖକ ଓ କବି ଭାବେ ସେ ବିଚାର ଉଦ୍ରେକକାରୀ ତଥା ପ୍ରେରଣାଦାୟୀ ଲେଖା ଲେଖୁଥିଲେ । ତାଙ୍କର ଲେଖା ସାନ୍ତୁନା ପ୍ରଦାନକାରୀ ମଧ୍ୟ ଥିଲା । ତାଙ୍କର କବିତାରେ, ପ୍ରାୟତଃ ତାଙ୍କର ଅନ୍ତରୀଣ ସଂଘର୍ଷ, ଦେଶ ପାଇଁ ରହିଥିବା ଆଶା ପ୍ରତିଫଳିତ ହୋଇଥାଏ।**


ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଓଡ଼ିଶାର ବିକାଶ ଓ ପ୍ରବାସୀ ଭାରତୀୟ

ଆମ ରାଜ୍ୟର ସୌଭାଗ୍ୟ ଯେ, ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପ୍ରଥମଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେଉଛି । ଏହି ଭବ୍ୟ ସମାରୋହ ଆସନ୍ତା ଜାନୁଆରୀ ୮ ତାରିଖରୁ ତିନିଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ । ଗତ ଡିସେମ୍ବର ୧୬ ତାରିଖରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଭବନସ୍ଥିତ ସିବି ମୁଥାମା ହଲ୍?ରେ ଏହି ମହୋତ୍ସବର ୱେବ୍‌ସାଇଟ୍‌କୁ ବିଦେଶ ବ୍ୟାପର ମନ୍ତ୍ରୀ ଡ. ସୁବ୍ରମଣ୍ୟମ୍ ଜୟଶଙ୍କର ଓ ମୁଁ ମିଳିତ ଭାବେ ଉନ୍ମୋ।ଚନ କରିଥିଲୁ। ତିନି ଦିନିଆ ଏହି ସମାରୋହ ଜାନୁଆରୀ ଆଠରୁ ଦଶ ତାରିଖ ଯାଏ ଚାଲିବ। ଏହି ସମ୍ମାନଜନକ ସମାରୋହକୁ ଓଡ଼ିଶାରେ ଅନୁଷ୍ଠାନ କରିବା ପାଇଁ ବୈଦେଶିକ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିଲେ, ଯାହା ଆମ ସରକାର ଆଗ୍ରହର ସହିତ ଅନୁମୋଦନ ଦେଇଥିଲା । ବିଭିନ୍ନ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ୍ ଶାହ, ବୈଦେଶିକ ମନ୍ତ୍ରୀ ଡ. ଜୟଶଙ୍କର ଓ ଅନେକ କେନ୍ଦ୍ରମନ୍ତ୍ରୀ ଯୋଗ ଦେବେ। ଦେଶର ଯୁବପିଢ଼ିଙ୍କୁ ପ୍ରବାସୀ ଭାରତୀୟଙ୍କ ସହ ଦୃଢ଼ ସଂଯୋଗ ସ୍ଥାପନ କରିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳନର ମୂଳ ଲକ୍ଷ୍ୟ । ଆମେ ଜାଣୁ ଯେ, ଗୋପାଳକୃଷ୍ଣ ଗୋଖଲେଙ୍କ ଡାକରାରେ ୧୯୧୫ ଜାନୁଆରୀ ୯ରେ ଦକ୍ଷିଣ ଆଫ୍ରିକାରୁ ଜାତିର ପିତା ମହାତ୍ମା ଗାନ୍ଧୀ ଭାରତ ଫେରିଆସିଥିଲେ ଓ ତାଙ୍କର ସ୍ମରଣୀୟ ଆଗମନକୁ ଉତ୍ସବ ଭାବେ ପାଳନ କରିବା ପାଇଁ ପ୍ରତି ଦୁଇ ବର୍ଷରେ ଥରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ଦେଶର ବିକାଶରେ ବିଦେଶୀ ଭାରତୀୟ ସମ୍ପ୍ରଦାୟର ଅବଦାନ ପାଇଁ ଭାରତରେ ଆମେ ୯ ଜାନୁଆରୀ, ୨୦୦୩ରୁ ପ୍ରବାସୀ ଭାରତୀୟ ଦିବସ ପାଳନ କରିଆସୁଛେ । ଅଟଳ ବିହାରୀ ବାଜପେୟୀ ଭାରତର ପ୍ରଧାନମନ୍ତ୍ରୀ ଥିଲାବେଳେ, ପ୍ରବାସୀ ଭାରତୀୟଙ୍କ ସମ୍ପର୍କରେ ଅନୁଧ୍ୟାନ କରି ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ବିଶିଷ୍ଟ ବୈଦେଶିକ ନୀତି ବିଶେଷଜ୍ଞ ଡ.ଲକ୍ଷ୍ମୀ ମଲ୍ ସିଂଘଭୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ୨୦୦୨ ଜାନୁଆରୀ ୮ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ ପ୍ରଧାନମନ୍ତ୍ରୀ ଅଟଳଜୀ ବିବରଣୀକୁ ଗ୍ରହଣ କରି ଘୋଷଣା କରିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ ଦିବସ ଜାନୁଆରୀ ୯ ତାରିଖକୁ ପ୍ରବାସୀ ଭାରତୀୟ ଦିବସ ଭାବେ ପାଳନ କରାଯିବ । ସେହି ଘୋଷଣା ଅନୁସାରେ, ୨୦୦୩ ମସିହାରୁ ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ପରମ୍ପରା ଆରମ୍ଭ ହୋଇଥିଲା। ଭାରତର ବିକାଶ ପାଇଁ ଉଭୟ ବିଦେଶୀ ଏବଂ ପ୍ରବାସୀ ଭାରତୀୟ ସମ୍ପ୍ରଦାୟଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇବା ଏବଂ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ସେବେଠାରୁ ଏହି ଦିବସ ପାଳିତ ହେଉଛି। ୨୦୦୩ ଠାରୁ ୨୦୧୫ ମସିହା ଯାଏ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହୋଇ ଆସୁଥ?ବା ଏହି ମହୋତ୍ସବ ପରବର୍ତ୍ତୀ କାଳରେ ପ୍ରତିବର୍ଷ ନକରି ଦୁଇବର୍ଷରେ ଥରେ ଆୟୋଜନ କରାଯାଉଛି । ଅତୀତରେ ହାଇଦରାବାଦ, ମୁମ୍ବାଇ, ଗାନ୍ଧୀନଗର, ବେଙ୍ଗାଲୁରୁ, ବାରାଣସୀ ଏବଂ ଇନ୍ଦୋରରେ ଥରେ ଲେଖାଏଁ, ଜୟପୁର ଏବଂ କେରଳର କୋଚିରେ ଦୁଇଥର ଲେଖାଏଁ ଓ ନୂଆଦିଲ୍ଲୀରେ ଅନ୍ୟ ସମସ୍ତ ଥର ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲେ ବି, ପ୍ରଥମ ଥର ପାଇଁ କୌଣସି ପୂର୍ବାଞ୍ଚଳ ରାଜ୍ୟରେ ଏଭଳି ଭବ୍ୟ ସମାରୋହ ହେବାକୁ ଯାଉଛି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଓଡିଶା ପାଇଁ ଅଙ୍ଗୀକାର କାରଣରୁ ସମ୍ଭବ ହେବାକୁ ଯାଉଛି ଓ ପୂର୍ବୋଦୟ ସଂକଳ୍ପର ସଫଳ ରୂପାୟଣ ପାଇଁ ଓଡ଼ିଶା ଯେ ଅପାର ସମ୍ଭାବନାର ଗନ୍ତାଘର, ତାହା ପ୍ରଧାନମନ୍ତ୍ରୀ ପ୍ରମାଣିତ କରିଛନ୍ତି । ଅତୀତରେ ଆମ ଓଡ଼ିଶା ଅଖଣ୍ଡ ଭାରତର ମହତ୍ତ୍ୱପୂର୍ଣ୍ଣ ଅଂଶ ସ୍ୱରୂପ ଅନୁପମ କଳା, ଭାସ୍କର୍ଯ୍ୟ, ଆଧାତ୍ମିକ ଚେତନା ଓ ସ୍ୱର୍ଦ୍ଧିତ ବୀରତ୍ୱର ମୁଖଶାଳା ଥିଲା । ଆଜି ମଧ୍ୟ ଆମ ରାଜ୍ୟ ନିରନ୍ତର ବିକାଶ ଓ ସେବା ତଥା ସମର୍ପଣ ମନୋଭାବର ନନ୍ଦିଘୋଷ ହୋଇ ସଫଳତାର ସହ ଆଗକୁ ଅଗ୍ରସର ହେଉଛି। ଏହି ଅମୃତ ଉପଲବ୍ଧିର ପ୍ରଶସ୍ତ ପରିବେଶ ମଧ୍ୟରେ ଆମ ରାଜ୍ୟକୁ ଏଭଳି ଏକ ସୁଯୋଗ ପ୍ରଦାନ କରି ବିକଶିତ ଓଡ଼ିଶା, ବିକଶିତ ଭାରତ ସଂକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୦୨୫ ଜାନୁଆରୀ ୮ ଠାରୁ ତିନିଦିନ ଧରି ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଳନ ଅବଧିରେ ପ୍ରାୟ ୭ ହଜାର ଅତିଥି ଏବଂ ପ୍ରତିନି ଯୋଗଦେବାର ଆକଳନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗ୍‌ଦର୍ଶନରେ କେନ୍ଦ୍ର ସରକାରଙ୍କ ବିଦେଶ ମନ୍ତ୍ରଣାଳୟ କ୍ରମାଗତ ଭାବରେ ବିଦେଶରେ ବାସ କରୁଥିବା ଭାରତୀୟ ( ପ୍ରବାସୀ) ଓ ଭାରତୀୟ ବିଦେଶୀମାନଙ୍କ (ବଂଶୋଦ୍ଭବ) କଲ୍ୟାଣକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଏହି ସମ୍ମାନଜନକ ସମାରୋହରେ ସେମାନଙ୍କ ପ୍ରତିନିଧି ତଥା ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଭାରତକୁ ଗର୍ବିତ କରିଥିବା ଭାରତୀୟ- ବିଦେଶୀମାନେ ଯୋଗଦେବେ, ଯାହା ଆମ ରାଜ୍ୟ ପାଇଁ ମଧ୍ୟ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ ଓ ସେମାନଙ୍କ ମାଧ୍ୟମରେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ପ୍ରଦର୍ଶନ କରିବାର ଏକ ସୁଯୋଗ ମିଳିବ। ଜି-୨୦ ସମ୍ମିଳନୀ ବେଳେ, ପ୍ରଧାନମନ୍ତ୍ରୀ ମୋଦିଜୀ କୋଣାର୍କଚକ୍ର ସମ୍ମୁଖରେ ବିଶ୍ୱନେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ; ଯାହା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷିତ କରିଥିଲା । ଏବେ, ଓଡିଶାକୁ ଆସୁଥିବା ପ୍ରବାସୀ ଭାରତୀୟ ଅତିଥିମାନଙ୍କ ପାଇଁ ଆମର କଳା, ସମୃଦ୍ଧ ଇତିହାସ, ପରମ୍ପରା... *(ଅବଶିଷ୍ଟାଂଶ ୭ପୃଷ୍ଠାରେ)*


ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ୨୦୨୫ ଇଂରାଜୀ ନୂତନ ବର୍ଷର ବାର୍ଷିକ ରାଶିଫଳ

**ଜୟ ଜଗନ୍ନାଥ, ନୂତନ ଇଂରାଜୀ ୨୦୨୫ ମସିହା ସମସ୍ତ ପାଠକ/ପାଠିକା ଏବଂ ବିଶ୍ୱବାସୀଙ୍କ ପାଇଁ ମଙ୍ଗଳମୟ ହେଉ ମହାପ୍ରଭୁଙ୍କ ଶ୍ରୀପାଦରେ ପ୍ରାର୍ଥନା କରୁଛି । ଏଥିସହିତ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ତଥା ଶୁଭକାମନା।**

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ୍, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି-** ଜାନୁୟାରୀ ତଥା ଏହି ମାସ ଠାରୁ ମଇ ମାସ ପର୍ଯ୍ୟନ୍ତ ବୃହସ୍ପତି ଅତ୍ୟନ୍ତ ଶୁଭ ଓ ତା ପରେ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଅଶୁଭ ହୋଇପାରେ. ଏବଂ ତତ୍ପରେ ଡିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଭାବେ ଶୁଭ ଓ ତା ପରଠାରୁ ବର୍ଷ ର ଅନ୍ତ ପର୍ଯ୍ୟନ୍ତ ଅଶୁଭ ହୋଇପାରେ. ଶନି ପ୍ରଥମରୁ ୩ ମାସ ଶୁଭ ଓ ଅନ୍ୟ ୯ ମାସ ଅଶୁଭ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଅତି ଅଶୁଭ ହେବ ଓ କେତୁ ଶୁଭ ଓ ତା ପରଠାରୁ ରାହୁ ଶୁଭ ଓ କେତୁ ଅଶୁଭ ହେବେ. ସୋମବାର ମହାଦେବ ଙ୍କ ଆରାଧନା କରନ୍ତୁ ମଙ୍ଗଳ ହେବ।

**ବୃଷ ରାଶି -** ଏହି ମାସଠାରୁ ମଇ ମାସର ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ମଧ୍ୟମ ଶୁଭ ଓ ତା ପରଠାରୁ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହେବ. ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅଶୁଭ ଏବଂ ତା ପରେ ବର୍ଷର ଅନ୍ତ ପର୍ଯ୍ୟନ୍ତ ଅତି ଶୁଭ ହେବ. ଶନି ପ୍ରଥମ ୩ ମାସ ଅଶୁଭ ଏବଂ ଅବଶିଷ୍ଟାଂଶ ୯ ମାସ ଶୁଭ ହେବେ. ମଇ ମାସ ପର୍ଯ୍ୟନ୍ତ ରାହୁ ଶୁଭ ଏବଂ କେତୁ ଅଶୁଭ ଓ ତା ପରେ ରାହୁ ଅଶୁଭ ଓ କେତୁ ଅତ୍ୟନ୍ତ ଅଶୁଭ ହୋଇପାରନ୍ତି. ଶ୍ରୀ ମହାବୀର ଙ୍କୁ ଆରାଧନା ଏବଂ ହନୁମାନ ଚାଳିଶା ପାଠ କରନ୍ତୁ ଶୁଭଫଳ ହେବ ।

**ମିଥୁନ ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ଅଶୁଭ ଓ ତା ପରଠାରୁ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଶୁଭ ହେବ. ତତ୍ପରେ ଡ଼ିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ଓ ତା ପରଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ମଧ୍ୟମ ଶୁଭ ହେବ. ଶନି ସମ୍ପୂର୍ଣ୍ଣ ବର୍ଷଟି ଅଶୁଭ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଅଶୁଭ ଓ କେତୁ ଅତି ଅଶୁଭ ଏବଂ ତା ପରେ ରାହୁ ମଧ୍ୟମ ଶୁଭ ଓ କେତୁ ଶୁଭ. ସୋମବାର ମହାଦେବ ଙ୍କୁ ଆରାଧନା ସହ ପ୍ରତିଦିନ ବିଷ୍ଣୁ ସହସ୍ରନାମ ପାଠ କରନ୍ତୁ ମଙ୍ଗଳ ହେବ ।

**କର୍କଟ ରାଶି -** ଏହି ମାସଠାରୁ ମଇ ମାସର ମଧ୍ୟମଭାଗ ପର୍ଯ୍ୟନ୍ତ ବୃହସ୍ପତି ଅତି ଶୁଭ ଓ ତତ୍ପରେ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଅଶୁଭ ହେବ. ତା ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଶୁଭ ଓ ତା ପରଠାରୁ ବର୍ଷର ଶେଷ ପର୍ଯ୍ୟନ୍ତ ଅଶୁଭ ହେବ. ଶନି ପ୍ରଥମ ୩ ମାସ ଅତି ଅଶୁଭ ଓ ଅନ୍ୟ ୯ ମାସ ଅଶୁଭ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ମଧ୍ୟମ ଶୁଭ ଓ କେତୁ ଶୁଭ ଓ ତା ପରଠାରୁ ରାହୁ ଓ କେତୁ ଅତ୍ୟନ୍ତ ଅଶୁଭ. ଶ୍ରୀ ହନୁମାନ ଙ୍କୁ ଆରାଧନା ଏବଂ ହନୁମାନ ଚାଳିଶା ପାଠ କରନ୍ତୁ ଶୁଭ ହେବ ।

**ସିଂହ ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ଶୁଭ ଓ ତା ପରଠାରୁ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହେବ. ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅଶୁଭ ଓ ତା ପରଠାରୁ ବର୍ଷର ଶେଷ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ. ସମ୍ପୂର୍ଣ୍ଣ ବର୍ଷ ସାରା ଶନି ମଧ୍ୟ ଅତି ଅଶୁଭ. ଏବଂ ରାହୁ ଅତି ଅଶୁଭ ରହିବେ.ଓ କେତୁ ମଧ୍ୟ ଅତ୍ୟନ୍ତ ଅଶୁଭ ରହିବେ. ସୋମବାର ଏବଂ ସଂକ୍ରାନ୍ତି ଶିବ ଭଗବାନଙ୍କୁ ଆରାଧନା କରନ୍ତୁ ଏବଂ ହନୁମାନ ଙ୍କୁ ସ୍ତୁତି କରନ୍ତୁ ମଙ୍ଗଳ ହେବ ।

**କନ୍ୟା ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ଅତ୍ୟନ୍ତ ଶୁଭ ଓ ତତ୍ପରେ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଶୁଭ ହେବ. ତା ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅତି ଶୁଭ ଏବଂ ତା ପରଠାରୁ ବର୍ଷର ଶେଷ ପର୍ଯ୍ୟନ୍ତ ଶୁଭ. ଶନି ପ୍ରଥମ ୩ ମାସ ଶୁଭ ଏବଂ ଅବଶିଷ୍ଟ ୯ ମାସ ଅତ୍ୟନ୍ତ ଅଶୁଭ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଓ କେତୁ ଅତି ଅଶୁଭ. ଏବଂ ତାପରେ ରାହୁ ଶୁଭ ଓ କେତୁ ଅଶୁଭ.ବିଷ୍ଣୁ ଭଗବାନ ଙ୍କୁ ଆରାଧନା କରନ୍ତୁ ମଙ୍ଗଳ ହେବ।

**ତୁଳା ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ଅଶୁଭ ଓ ତା ପରଠାରୁ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହେବ. ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଶୁଭ ଓ ତା ପରଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହେବ. ଶନି ପ୍ରଥମ ୩ ମାସ ଅଶୁଭ ଏବଂ ଅନ୍ୟ ୯ ମାସ ଶୁଭ ହେବ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଶୁଭ ଓ କେତୁ ଅଶୁଭ ଓ ତା ପରେ ରାହୁ ଅଶୁଭ ଏବଂ କେତୁ ଶୁଭ. ହନୁମାନଙ୍କୁ ଆରାଧନା କରନ୍ତୁ ଶୁଭଫଳ ପାଇବେ ।

**ବିଛା ରାଶି -**ଏହି ମାସଠାରୁ ମଇ ମାସର ମଧ୍ୟମଭାଗ ପର୍ଯ୍ୟନ୍ତ ବୃହସ୍ପତି ଅତ୍ୟନ୍ତ ଶୁଭ ଏବଂ ତତ୍ପରେ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଅଶୁଭ. ତା ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅତି ଶୁଭ ଓ ତା ପରଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ଅଶୁଭ. ପ୍ରଥମ ୩ ମାସ ଶନି ଅତି ଅଶୁଭ ଓ ଅବଶିଷ୍ଟ ୯ ମାସ ଅଶୁଭ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଅଶୁଭ ଓ କେତୁ ଶୁଭ ଓ ତା ପରେ ରାହୁ ଅତ୍ୟନ୍ତ ଅଶୁଭ ଓ କେତୁ ମଧ୍ୟ ଅଶୁଭ. ସୋମବାର ଶିବ ଭଗବାନଙ୍କୁ ଆରାଧନା ଓ ପୂଜା କରନ୍ତୁ ଶୁଭଫଳ ପାଇବେ ।

**ଧନୁ ରାଶି -** ଏହି ମାସଠାରୁ ମଇମାସର ମଧ୍ୟମଭାଗ ପର୍ଯ୍ୟନ୍ତ ବୃହସ୍ପତି ଅଶୁଭ ହୋଇପାରେ । ଏବଂ ତା ପରଠାରୁ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ. ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅଶୁଭ ଓ ତାପରେ ବର୍ଷଶେଷ ପର୍ଯ୍ୟନ୍ତ ଅତି ଶୁଭ ହେବ. ପ୍ରଥମ ୩ ମାସ ଶନି ଶୁଭ ଓ ଅବଶିଷ୍ଟାଂସ ୯ ମାସ ଅତ୍ୟନ୍ତ ଅଶୁଭ । ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଅତ୍ୟନ୍ତ ଅଶୁଭ ଓ କେତୁ ଅଶୁଭ. ଓ ତା ପରେ ରାହୁ ଶୁଭ ଓ କେତୁ ମଧ୍ୟ ଶୁଭ । ଦେବୀମାଙ୍କୁ ଆରାଧନା ଓ ସ୍ମରଣ କରନ୍ତୁ ମଙ୍ଗଳ ହେବ ।

**ମକର ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟମଭାଗ ପର୍ଯ୍ୟନ୍ତ ବୃହସ୍ପତି ଅତି ଶୁଭ ଓ ତା ପରେ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଅଶୁଭ ହେବେ । ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅତି ଶୁଭ ଓ ତା ପରଠାରୁ ବର୍ଷର ଶେଷ ପର୍ଯ୍ୟନ୍ତ ଅଶୁଭ ହୋଇପାରନ୍ତି । ପ୍ରଥମ ୩ ମାସ ଶନି ଅଶୁଭ ଓ ଅବଶିଷ୍ଟ ୯ ମାସ ଶୁଭ ହେବ । ମଇ ମାସ ୧୮ ତାରିଖ ରାହୁ ଶୁଭ ଓ କେତୁ ମଧ୍ୟମ ଶୁଭ ଓ ତତ୍ପରେ ରାହୁ ଓ କେତୁ ଅତ୍ୟନ୍ତ ଅଶୁଭ । ଶ୍ରୀ ହନୁମାନ ଙ୍କୁ ପୂଜା ଏବଂ ହନୁମାନ ଚାଳିଶା ପାଠ କରନ୍ତୁ ଶୁଭଫଳ ପ୍ରାପ୍ତି ହେବ ।

**କୁମ୍ଭ ରାଶି -** ଏହି ମାସଠାରୁ ମଇ ମାସର ମଧ୍ୟଭାଗ ପର୍ଯ୍ୟନ୍ତ ବୃହସ୍ପତି ମଧ୍ୟମଧରଣର ଶୁଭ ଓ ତା ପରେ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତଶୁଭ. ତତ୍ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅଶୁଭ ଏବଂ ତା ପରେ ବର୍ଷଶେଷ ପର୍ଯ୍ୟନ୍ତ ଅତିଶୁଭ. ପ୍ରଥମ ୩ ମାସ ଶନି ଅଶୁଭ ଓ ଅବଶିଷ୍ଟ ୯ ମାସ ଅଶୁଭ ପ୍ରାୟତଃ ବର୍ଷସାରା ରାହୁ ଅଶୁଭ ଏବଂ କେତୁ ମଧ୍ୟ ଅତ୍ୟନ୍ତ ଅଶୁଭ. ଶ୍ରୀମହାଦେବ ଭଗବାନଙ୍କୁ ସୋମବାର ଦିନ ଦର୍ଶନ ତଥା ଆରାଧନା ଓ ସ୍ତୁତି କରନ୍ତୁ ଶୁଭଫଳ ପ୍ରାପ୍ତି ହେବ ।

**ମୀନ ରାଶି -** ଏହି ମାସଠାରୁ ମଇ ମାସ ମଧ୍ୟମଭାଗ ପର୍ଯ୍ୟନ୍ତ ବୃହସ୍ପତି ଅଶୁଭ. ଓ ତତ୍ପରେ ଅକ୍ଟୋବର ମାସ ୧୯ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଶୁଭ. ତା ପରେ ଡ଼ିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଅତି ଶୁଭ ଓ ତା ପରଠାରୁ ବର୍ଷର ଅନ୍ତ ପର୍ଯ୍ୟନ୍ତ ମଧ୍ୟମ ଧରଣର ଶୁଭ. ଶନି ପ୍ରଥମ ୩ ମାସ ଅଶୁଭ ହୋଇଥିବା ବେଳେ ଅବଶିଷ୍ଟ ୯ ମାସ ଅତି ଅଶୁଭ ହେବେ. ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ରାହୁ ଏବଂ କେତୁ ଅତ୍ୟନ୍ତ ଅଶୁଭ. ତତ୍ପରେ ରାହୁ ଅତି ଅଶୁଭ ଓ କେତୁ ଶୁଭ. ଶ୍ରୀ ମହାବୀର ଙ୍କୁ ପୂଜାର୍ଚ୍ଚନା କରିବା ସହ ଶ୍ରୀମହାଦେବ ଙ୍କୁ ସ୍ତୁତି କଲେ ମଙ୍ଗଳ ହେବ.

# Mahaprasad of Lord Jagannath

DR. HARIHAR KANUNGO

After Lord Jagannath was unearthed from Sonepur and transferred to Puri, He was installed in a patola of 38 yards. Certain rituals and rites were then observed in his worship and the partaking of Mahaprasad is one of them. Since the days of antiquity, the Sriksetra Puri Dham has gained prominence as a Holy place. The Mahaprasad (offering) of Lord Jagannath, the presiding deity is world famous. While the offerings for the deities in other temples in India are called prasad, those made for Jagannath are called Mahaprasad. Puri has the unique custom of discarding racism, casteism or the stigma of left over, when people share Mahaprasad together. Pandit Surjanarayan Dash, discussing about the speciality of Mahaprasad writes, "Among the four Holiest places of India like Rameswar, Jagannath, Badri and Dwaraka, the land of Lord Jagannath is the most sought after one. Its geographical location attracts many people. Jagannath's Mahaprasad is partaken en masse not withstanding caste and religion - and this secular attitude has popularised the Jagannath culture. The ritualistic Brahmins, Ksatriyas, Vaishyas and Sudras do not discriminate among themselves, while sharing Mahaprasad or even sharing its left over among one another. At the time Mahaparasad is consumed by large groups of people, caste distinction is thrown into the air albeit for a short time. At that moment caste difference is forgotten in creed, deed and word, people eat and feed this holy cooked rice and take away some rice from other's mouths and eat it themselves considering this act as a holy and sanctifying ritual. Such a practice arouses a feeling of unanimity and fraternity and establishes the oneness of Hinduism. Besides it also reiterates the liberal attitude of humanism.1 While partaking Mahaprasad from one another, the devotees do not scruple about caste, creed or religion nor do they mind about eating it from others mouths. It is very difficult but not impossible to discover precisely when and why this tradition of mass partaking of Mahaprasad became an integral part of Jagannath worship. Pandit Krupasindhu Misra opines that this tradition was set by king Jajati Keshari. From a legend mentioned in the book "Jagannatha Kaifiyata", glorifying Mahaprasad, it is known that Mahaprasad was introduced from the time of Jajati.2 Tantra worship had been propagated and established by the time king Jajati, the descendant of the Soma dynasty conquered Orissa. The Soma Vamshis themselves practised Saivaism. But prior to them, by virtue of the patronage from the Bhaumakaras, Saivism, Saktism and Tantrism became popular and gained the status of state religion. After Jajati installed Jagannath at Puri and made rules for his worship, he, out of respect for tantra, promulgated the Lord's worship as per tantrik methods. In the tantrik cult, Lord Jagannath is regarded as Bhairava and the Goddess Vimala as Bhairavi. "Utkala Navi Deshescha Bimala Purushottame / Bimala Bhairavi Yatra Jagannathastu Bhairava.//" So the Bhairavi Chakra has been drawn near the Ratna Simhasana or Vedi in the Jagannatha temple. Sri Jagannath is installed on this Srichakra. Image of Bhairava was also installed on the Ratna Simhasana. It is learnt from a report of James Hunter, dated 6.12.1806 that the image was removed from Ratna Simhasana afterwards.3 In deference to the Tantric Cult, Jajati installed Jagannath as a tantric deity in Puri. This tantric traditions developed as a part of Vajrayana from the Buddhist era. In the tantric tradition any thing offered to Lord Jagannath cannot be contaminated by caste or touch. Regarding this Prof. Prahallad Pradhan, quoting from "Hevajratantra" and "Guhyasiddhi" says, "The practice by devotees of



taking food offered to the Panchen Lama has some similarity with the communal eating of food offered to Lord Jagannath by the devotees of the Hindu community, irrespective of caste. This writer thinks that it is the remnant of a Buddhist practice of the tantric period, still lingering in the Puri temple. Food in the Puri temple is not polluted by the touch of a person of any caste, even if it is left over after eating and thrown on the road. It is called Nirmalya or unsullied.4 The religious tradition of Orissa has accepted Jagannath as a tantric deity. This tantrism is manifested in his worship rituals and festivals. As per the Sakta faith, Prasad offered to Jagannath becomes Mahaprasad only after it is offered to Goddess Vimala. In deference for this tradition, king Jajati constructed a 38 cubic feet high temple for Sri Jagannath and at its Nairuta angle, thereafter constructed an 18 cubic feet high temple for Goddess Vimala. As per Jajati's arrangement, the offering made to Jagannath becomes Mahaprasad (the grand offering) only after it is offered to Vimala. It has been mentioned earlier that Lord Jagannath is installed on the Bhairavi Chakra. Because of offerings made to him are never contaminated by touch, Sir John Woodroff comments on this, "During the Chakra all eat, drink and worship together, there being no distinction of caste." Kularnava Tantra also states that after initiation to Bhairavi Chakra people of different castes shed this caste difference. But they again develop this difference if they refrain themselves from Bhairavi :- "Prabrutte Bhairavi Chakre Sarve Barnah Dwijatayah/ Nibrutte Bhairavi Chakre Sarve Barnah Pruthak Pruthak.//" Pandit Nilakantha Das says that the place where offerings are made to Jagannath is called Bhairavi Chakra. That is why Ratnavedi is called the Lord of Bhairavi Chakra or Tantrapitha. So the tradition of sharing Mahaprasad found in Jagannath temple is based on the tantric tradition (Parampara) associated with the cult of Vajrayana. This cult of Buddhist tantra promulgated by Indrabhuti in the 8th century A.D. was transformed into Vajrayana in course of time. The cult of Vajrayana created tantric tradition in the land of Jagannath. In addition to this, the worship of Jagannath has also been greatly influenced by the Savari tantra as He is the deity of the Savara tribals. Jagannath's Mahaprasad is called "Abadha." In the tribal Saura language spoken by the Sabaras, Abadha means the act of boiling some thing in water.5 Mahaprasad is called so as the rice used in it is boiled in water - (Ab-ada = boiling in water). Therefore, by the advise of Sankaracharya the then king made arrangement for the offering of boiled rice before Jagannath. This arrangement seems to be influenced by the tribal Sabari culture. Following the Odda Sabara Culture offerings consisting of rice boiled in bamboo poles (Menjan bhinne) or Mayens (some eatable roasted in fire) are placed before the God. This boiled or roasted cookeries were described by Sarala Das, the Sudra Saint as Sauribidhi cooking. Such offerings were said to have been made to the God called Sabari Narayan worshipped before Nilamadhab by his wife Sriya, the Sabara girl at Sripura. The Sauras, the original priests of Sabari Narayan of Sripura point out that, their original God has left for Puri and after being installed there in Srimandir, is at present called Jagannath.6 Prior to installing Lord Jagannath at Puri, Jajati Keshari must have been aware of the firm tradition followed in worshipping the Lord. By that time, Lord Jagannath had been honoured and recognised as the state deity. So while reinitiating the Lord's worship he might not have thought it proper to violate that strong tradition. On the contrary adhering to that tradition might have helped in realising his political ambition. He promulgated the practice of mass sharing of Mahaprasad by the devotees, irrespective of caste or varna and such practice must have helped in fostering a sense of unity among his subjects. Thereby, he not only recognised a long followed rich tradition, he also must have attained a political mileage. Foot Notes : 1. Dash, Surya Narayan - Jagannath Mandir O' Jagannath Tatwa (Oriya), Friends Publishers, Binodbehari, Cuttack-2, 1982, p.1-2. 2. Mishra, Purna Chandra - Shree Jagannathanka Mahaprasad in Shreeksetra : Shree Jagannath (Oriya) pt.I(Ed) Utkal Pathak Samsad, Orissa Book Store, Cuttack-2, 1986, p.218. 3. Jagannath Temple correspondences for the year 1804 to 1932, Vol.I, Board of Revenue, Orissa, Cuttack, pp.72-73, 133-135. 4. Pradhan, Prahallad - Presidential Address at the 2nd General Conference of International Association of Buddhist Studies at Nalanda, 1980 in Anama-19 (Oriya journal) May, 1983 (Ed) Gokal Behari Mohanty, Neela deep, Idga Chhack, Cuttack-8, pp.11-12. 5. Mishra, Haraprasad - Shree Jagannathanka Gundicha Yatra Rahasya (Oriya) in Jhankar, 37th year, 11th issue, February, 1986, p.999. 6. Anama-19 (Oriya Journal), May 1983, (Ed) Gokul Behari Mohanty, Cuttack-8, p.17-18.

*BJB (Autonomous) College, Bhubaneswar-751014.*

## ୬୮ ତମ ଜାତୀୟ ବିଚ୍ ଭଲିବଲ ଚମ୍ପିୟାନସିପ ଉଦ୍‌ଘାଟିତ



**ପୁରୀ:** ପୁରୀ ନୀଳାଦ୍ରି ବିଚ ଠାରେ ଓଡିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୪ ଦିନିଆ ୬୮ ତମ ବିଚ ଭଲିବଲ ଚମ୍ପିୟାନସିପ ଉଭୟ ବାଳକ ଓ ବାଳିକା ବର୍ଗ ଉଦଘାଟିତ ହୋଇ ଯାଇଛି ।ଏହାକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓ ଉଦଘାଟନ କରି ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି କୌଣସି ଜାତୀୟ ଚମ୍ପିୟାନ ସିପରେ ଅଂଶଗ୍ରହଣ କରିବା ଏକ ବଡ ଉପଲବ୍ଧି ବୋଲି କହିଥିଲେ ।ପ୍ରତ୍ୟେକ ପିଲା ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭା ର ଉନ୍ମେଷ ଆମ ସମସ୍ତ ଙ୍କ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ ।କ୍ରୀଡା ଶରୀର କୁ ସୁସ୍ଥ ରଖିବା ସହ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦିଏ ଏହା ହିଁ କ୍ରୀଡ଼ାର ମହନୀୟତା ବୋଲି କହିବା ସହ ଶ୍ରୀ ମହାନ୍ତି ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କ୍ରୀଡା ଅନେକ କିଛି ଶିକ୍ଷା ଦିଏ ।ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ଜାତୀୟ ଭଲିବଲ ଚମ୍ପିୟାନସିପ କାର୍ଯ୍ୟକ୍ରମର ଆୟୋଜନ ସମ୍ପର୍କରେ ଆଲୋକପାତ କରିବା ସହ ଏହି କ୍ରୀଡା ପିଲା ମାନଙ୍କୁ ସେମାନଙ୍କ ଜୀବନ ଶୈଳୀରେ ଅନେକ ସହଯୋଗ ଦେଇ ପାରିବେ ବୋଲି କହିଥିଲେ ।ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକ ଏଥିରେ ଅଧକ୍ଷତା କରିବା ସହ ଜାତୀୟ କ୍ରୀଡା ରାଜ୍ୟ ତରଫରୁ ପୁରୀ ରେ ଆୟୋଜନ ହେବା ଅତି ଆନନ୍ଦର କଥା । ପ୍ରତିଯୋଗୀ ମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହ ମହାପ୍ରଭୁଙ୍କ ଦର୍ଶନ କରି ଏକ ଚମତ୍କାର ଅନୁଭବ ନେଇ ଫେରିବେ ବୋଲି ଆଶା କରିଥିଲେ ।ପ୍ରାରମ୍ଭରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ତଥା ସଂଘର ସମ୍ପାଦକ ସପନ କୁମାର ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ ।



ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସମ୍ବଲପୁର ଜିଲ୍ଲା ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବା ଟିବି ପୀଡ଼ିତ ଭାଇ ଭଉଣୀମାନଙ୍କୁ ମାସିକ ପୁଷ୍ଟି କିଟ୍ ପ୍ରଦାନ କରି ଆନନ୍ଦିତ କରିବା ସହ ସଚେତନତା ରଥର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।






ସମ୍ବଲପୁର ଠାରେ 'ସୁଶାସନ ଦିବସ' ଅବସରରେ 'ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫'ରେ ଯୋଗଦେଇ ଚାଷୀ ଭାଇ ଭଉଣୀମାନଙ୍କୁ କୃଷି ଉପକରଣ ପ୍ରଦାନ କଲି । ଆଜିର କାର୍ଯ୍ୟକ୍ରମ ଅବସରରେ ସମ୍ବଲପୁରର ସମସ୍ତ ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

## ୩ରୁ ୧୨ ଶରଧାବାଲିରେ ପୁସ୍ତକମେଳା

**ପୁରୀ:** ଜାନୁଆରୀ ୩ରୁ ପୁରୀରେ ପୁସ୍ତକ ମେଳା ଆରମ୍ଭ ହେବ । ଏହି ମେଳା ୧୦ ଦିନ ଯାଏଁ ଜାରିରହିବ। ୧୨ ତାରିଖରେ ମେଳା ଉଦ୍‌ଯାପିତ ହେବ। ପ୍ରତିଦିନ ପୂର୍ବାହ୍ନ ୨ଟାରୁ ରାତି ୯ଟା ଯାଏଁ ମେଳା ଖୋଲାରହିବ। ରବିବାର ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ମିଳିତ ସହଯୋଗରେ ୨୯ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅନୁଷ୍ଠିତ ହେବ। କମିଟିର ସଂପାଦକ ଚକ୍ରଧର ମହାପାତ୍ର ମେଳା ସଂପର୍କିତ ସୂଚନା ଦେଇ କହିଥିଲେ, ଚଳିତ ବର୍ଷ ୧୪୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିବାର ଯୋଜନା ରହିଛି। ଦିଲ୍ଲୀରୁ ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ପୁସ୍ତକ ମେଳାରେ ଯୋଗ ଦେବେ ।ମେଳାରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଭକ୍ତିସଙ୍ଗୀତ, ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସହ କିଛି ଷ୍ଟଲରେ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବିକ୍ରି କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ଗବେଷଣା କ୍ଷେତ୍ରରେ ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟ କ୍ଷେତ୍ରରେ ଶଙ୍କର ତ୍ରିପାଠୀ ଓ ପ୍ରକାଶନୀ କ୍ଷେତ୍ରରେ ବିଜୟିନୀ ପବ୍ଲିକେଶସନକୁ ସମ୍ମାନିତ କରାଯିବ। ଓଡ଼ିଶାରେ ଗବେଷଣା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଷ୍ଣବ ଚରଣ ସାମଲଙ୍କୁ ରାଜ୍ୟ ସ୍ତରୀୟ ସମ୍ମାନ ପ୍ରଦାନ କରାଯିବ। ମେଳାରେ ଏକ ଲକ୍ଷ ପାଠକ, ସାହିତ୍ୟିକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଯୋଗ ଦେବେ ବୋଲି ଆଶା କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ପାଠକ, ପ୍ରକାଶକ ତଥା ମେଳାର ଆଗନ୍ତୁକଙ୍କ ଦୃଷ୍ଟି କୋଣରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପୁସ୍ତକ ମେଳା ପରେ ପୁରୀରେ ଆୟୋଜିତ ପୁସ୍ତକ ମେଳା ଦ୍ୱିତୀୟ ସର୍ବବୃହତ ପୁସ୍ତକ ମେଳା ବୋଲି ସେ କହିଥିଲେ। ପୁସ୍ତକ ମେଳାରେ ଅନେକ ସଂଖ୍ୟକ ପ୍ରକାଶକ ଯୋଗ ଦେବା




ପାଇଁ ଚାହୁଁଥିଲେ ମଧ୍ୟ ଶରଧାବାଲିରେ ସୀମିତ ସ୍ଥାନରେ ଅଧିକ ଷ୍ଟଲ ଖୋଲିବା ସମ୍ଭବପର ହେଉନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୁସ୍ତକ ମେଳା ପାଇଁ ଏକ ବିକଳ୍ପ ସ୍ଥାନ ଦେବାକୁ କମିଟି ପକ୍ଷରୁ ଦାବି ହୋଇଥିଲା । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ, ସଂଗଠନ ସଂପାଦକ ପ୍ରସନ୍ନ କୁମାର ମିଶ୍ର ମଞ୍ଚାସୀନ ଥିଲେ । ପରିଶେଷରେ କାର୍ଯ୍ୟକାରୀ ସଭାପତି ଅନାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, କାର୍ଯ୍ୟାଳୟ ସଂପାଦକ ସ୍ୱାଧୀନ କୁମାର ପଣ୍ଡା, ସଭ୍ୟ ଶ୍ରୀକାନ୍ତ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ବିପିନବିହାରୀ ଦଳାଇ, ଶ୍ୟାମପ୍ରକାଶ ସେନାପତି ଓ ସୁକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ନୀତିଶିକ୍ଷା: ଏକାଗ୍ରତାର ରହସ୍ୟ



ଭବତୋଷ ତ୍ରିପାଠୀ

ଥରେ ଜଣେ ଗୃହସ୍ଥ ବୈଷ୍ଣବ ମହାତ୍ମା ଏକନାଥଙ୍କ ନିକଟକୁ ଆସି କହିଲେ, 'ମହାରାଜ ! ଯେତେବେଳେ ମୁଁ ଆସେ, ମୁଁ ଆପଣଙ୍କୁ ଜପ କରୁଥିବାର, ପ୍ରଭୁଙ୍କର ସେବା କରୁଥିବାର କିମ୍ବା ନାମ ସଙ୍କୀର୍ତ୍ତନ କରୁଥିବାର ଦେଖେ। ଆପଣ ପ୍ରତି ମୁହୂର୍ତ୍ତରେ ପ୍ରଭୁଙ୍କ ସ୍ମରଣ ଏବଂ ଚିନ୍ତନରେ ବ୍ୟସ୍ତ ରୁହନ୍ତି। ମହାରାଜ,ମୋର ମନ କିନ୍ତୁ ଗୋଟିଏ କ୍ଷଣ ବି ମଧ୍ୟ ସ୍ଥିର ରହିପାରେ ନାହିଁ। ମନର ସ୍ଥିରତା ପାଇଁ ଦୟାକରି ମୋତେ ମାର୍ଗଦର୍ଶନ କରାନ୍ତୁ । ' ଏକନାଥ ଟିକିଏ ଭାବି ଗମ୍ଭୀର ଭାବରେ କହିଲେ, ମହାଶୟ,' ମୁଁ ଅତ୍ୟନ୍ତ ଦୁଃଖର ସହିତ କହୁଛି ଯେ ତୁମର ମୃତ୍ୟୁ ଆଉ ଆଠ ଦିନରେ ମଧ୍ୟରେ ହେବ । ସାତ ଦିନ ପରେ ତୁମେ ମୋ ପାଖକୁ ଆସ, ଏବଂ ସେହି ସମୟରେ ମୁଁ ତୁମ ପ୍ରଶ୍ନର ଉତ୍ତର ଦେବି।

ମୃତ୍ୟୁ ବିଷୟରେ ଶୁଣି ବୈଷ୍ଣବ ନିଜ ପ୍ରାଣବାୟୁ ଛାଡ଼ିଗଲା ପରି ଅନୁଭବ କଲା। ତା'ପରେ ସେ ସ୍ଥିର ମନ ସହିତ ଭାବିଲା 'ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ '। ସେ ହେତୁ ମୃତ୍ୟୁ ପାଇଁ ନିଜକୁ ପ୍ରସ୍ତୁତ ରହିବା ଉଚିତ୍।। ବହୁତ ଲୋକ ଅଛନ୍ତି ଯିଏ ମୃତ୍ୟୁ ନାମ ଶୁଣିବା ମାତ୍ରେ ଭୟଭୀତ ହୋଇଯାଆନ୍ତି । ଏପରିକି ଯେଉଁ ବ୍ୟକ୍ତି ଯିଏ ଅତ୍ୟନ୍ତ ଧର୍ଯ୍ୟର ସହିତ ମୃତ୍ୟୁ ଅନିବାର୍ଯ୍ୟ ବୋଲି ସମସ୍ତଙ୍କୁ କୁହେ ସେ ବି ନିଜ ମୃତ୍ୟୁକୁ ଭୟ କରେ । ବସ୍ତୁବାଦୀ ମଣିଷ ଦୀର୍ଘଦିନ ବଞ୍ଚିବାକୁ ଯୋଜନା କରେ, ଯଦିଓ ସେ ଜାଣେ ଜୀବନ ଜଳୋର୍ମି ପରି । ପ୍ରତ୍ୟେକ ମୁହୂର୍ତ୍ତରେ ଏଠି ଅନିଶ୍ଚିତତା ରହିଛି । ମୃତ୍ୟୁର ସମ୍ମୁଖୀନ ହେବାକୁ କେହିବି ମାନସିକ ସ୍ତରରେ ସିଦ୍ଧ ନୁହଁନ୍ତି । ମୃତ୍ୟୁର ଏହି ଭୟ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ଗରିବ ଏବଂ ଅଶିକ୍ଷିତ ପର୍ଯ୍ୟନ୍ତ ସମସ୍ତଙ୍କୁ କଷ୍ଟ ଦେଇଥାଏ । ଏଥିରୁ ବା କିପରି ଏକ ବୈଷ୍ଣବ ଅଲଗା ହୋଇପାରିବ ?

ଏଥିପାଇଁ ତ ଏକ ନୀତିଶ୍ଳୋକ ଅଛି – ଶ୍ୱଃ କାର୍ଯ୍ୟମ୍ ଅଦ୍ୟ କୁର୍ବିତ, ପୂର୍ବାହ୍ଣେ ଚାପରାହ୍ଣିକମ୍ । ନହି ପ୍ରତିକ୍ଷତେ ମୃତ୍ୟୁଃ , କୃତମସ୍ୟ ନ ବା କୃତମ୍ ।। ଆସନ୍ତାକାଲିର କାର୍ଯ୍ୟ କୁ ଆଜି କରିଦେବା ଉଚିତ୍ ଓ ଅପରାହ୍ନର କାର୍ଯ୍ୟକୁ ପୂର୍ବାହ୍ନରେ କରିଦେବା ଉଚିତ୍। କାରଣ ମୃତ୍ୟୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ କେବେ କାହାକୁ ଅପେକ୍ଷା କରିନଥାଏ। ଏହିଭଳି ଭାବରେ ସେ ତାଙ୍କର ନିର୍ଦ୍ଧିଷ୍ଟ ମୃତ୍ୟୁ ଖବର ପାଇବା ପରେ ଘରର ସମସ୍ତ ଦାୟିତ୍ୱ ନିଜର ପୁତ୍ରକୁ ନ୍ୟସ୍ତ କଲେ । ଦିନରାତି ସେ ପରମାତ୍ମାଙ୍କ ସ୍ମରଣ, ଧ୍ୟାନ ଏବଂ ପ୍ରାର୍ଥନାରେ ମନନିବେଶ କଲେ ଏବଂ ସପ୍ତମ ଦିନରେ ଦୁଃଖରେ ସାଧୁ ଏକନାଥଙ୍କ ନିକଟକୁ ଆସିଲେ। ଏକନାଥ ତାଙ୍କୁ ପଚାରିଲେ, ବର୍ତ୍ତମାନ ମୋତେ କୁହ, ଏହି ସାତ ଦିନ ମଧ୍ୟରେ ତୁମେ କ'ଣ କରିଛ ? ବୈଷ୍ଣବ କହିଲେ ମହାତ୍ମା ! ମୃତ୍ୟୁ ବିଷୟରେ ଶୁଣିବା ପରେ, ମୋ ମନରେ ବହୁତ ଭୟ ସୃଷ୍ଟି ହୋଇଛି । ତେଣୁ ମୁଁ ସବୁକିଛି ତ୍ୟାଗ କରି କେବଳ ଧ୍ୟାନ, ଉପାସନା ଏବଂ ଭଗବାନଙ୍କ ଜପ କରିବାରେ ବ୍ୟସ୍ତ ରହିଲି । ଅଷ୍ଟମ ଦିନରେ ମୃତ୍ୟୁ ହୋଇଥିବାରୁ ମୁଁ ଏହି ସାତ ଦିନ ମଧ୍ୟରେ ପରିବାରର ଚିନ୍ତାକୁ ସମ୍ପୂର୍ଣ୍ଣ ଛାଡିଦେଲି। ଏହି ଦିନମାନଙ୍କରେ, ମୋର ମନ ଅଶାନ୍ତ ନଥିଲା । ମୁଁ କେବଳ ଈଶ୍ୱରଙ୍କୁ ସ୍ମରଣ କରୁଥିଲି । ଏ ସବୁ କଥା ଶୁଣି ସାରିବା ପରେ ହିଁ ଏକନାଥ କହିଥିଲେ, ଏହା ହିଁ ମୋର ଏକାଗ୍ରତାର ରହସ୍ୟ । ମୁଁ ସବୁବେଳେ ମୃତ୍ୟୁର ଖଣ୍ଡାକୁ ମୋ ମୁଣ୍ଡ ଉପରେ ଝୁଲୁଥିବାର ଅନୁଭବ କରେ । ସେଥିପାଇଁ ମୁଁ ସଚେତନ ପୂର୍ବକ ଈଶ୍ୱରଙ୍କ ନାମ ଜପ କରୁଛି । ଆପଣ ମଧ୍ୟ ମୃତ୍ୟୁ ବିଷୟରେ ସଚେତନ ହେବା ଉଚିତ୍ । ଏହା ଆପଣଙ୍କ ମନକୁ ସ୍ଥିର ରଖିବ । ଏହା ହେଉଛି ମୋର ଏକାଗ୍ରତା ର ସୂତ୍ର।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

# ୨୦୨୯ ସୁଦ୍ଧା ୧୦୦ ଲୋକସଂଖ୍ୟା ଥିବା ଗ୍ରାମକୁ ସବୁଦିନିଆ ରାସ୍ତା



ଭୁବନେଶ୍ୱର: ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କ୍ରମରେ ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି । ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁଁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ଉତ୍ପନ୍ନ ହେଉଛି । ତେଣୁ ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତାନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।



ନବରଙ୍ଗପୁର ଜିଲ୍ଲା ମହୋତ୍ସବ 'ମଣ୍ଡେଇ ୨୦୨୪' ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ୪୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୨୬୧ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।



ବିଶିଷ୍ଟ ସମାଜ ସଂସ୍କାରକ, ସାହିତ୍ୟିକ, ସଂଗ୍ରାମୀ ତଥା ଉତ୍କଳର ରାମମୋହନ ଭାବେ ପରିଚିତ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସର ମଧ୍ୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



ସୁଶାସନ ଦିବସ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀରେ ବଲାଙ୍ଗିର ଜିଲ୍ଲାର ଭୀମ ଭୋଇ ମେଡିକାଲ କଲେଜର ଅଡିଟୋରିଅମ୍ ଠାରେ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମହାନ ଆତ୍ମାଙ୍କ ସ୍ମୃତିଚାରଣ ସହ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ମାନିତ କରିବା ଅବସରରେ ।





ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଓ ବିମାନବନ୍ଦର ଠାରେ ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ଅନ୍ୟ ବିଭାଗୀୟ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ବୃନ୍ଦ ।



'ଭାରତ ରତ୍ନ' ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ବିଜେପି ପୁରୀ ଜିଲ୍ଲା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଏବଂ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।



କଟକସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷା ଅନୁସନ୍ଧାନ ସଂସ୍ଥାନର ଶତବାର୍ଷିକ ସମାରୋହ ଉଦଘାଟନୀ ଉତ୍ସବରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।







ନିମାପଡା ମହୋତ୍ସବ -୨୦୨୪'ରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧି ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।




ବାଣୀବିହାର ୧୯୮୯ ମସିହାର ଆଲୁମିନ ଆସୋସିଏସନର ୩୫ତମ ସ୍ଥାପନା ଦିବସ ସମାରୋହ ଅବସରରେ ବାଣୀବିହାର ୮୯' ପକ୍ଷରୁ ସ୍ମରଣୀକା 'ଉତ୍ତରଣ'କୁ ଉନ୍ମୋଚନ କରିଥିଲେ ଆଇନ, ଅବକାରୀ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ତାଙ୍କ ସହ ଯୋଗଦେଇଥିଲେ ଜଗତସିଂହପୁର ଲୋକସଭା ସାଂସଦ ବିଭୁ ପ୍ରାସାଦ ତରାଇ ।



ବିଶ୍ୱ ପ୍ରସିଦ୍ଧ 'ବରଗଡ଼ ଧନୁଯାତ୍ରା'ର ମହୋତ୍ସବ ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି । ଏଥିପାଇଁ ପ୍ରୋତ୍ସାହନ ରାଶି ୧୦ ଲକ୍ଷରୁ ୧ କୋଟି ଟଙ୍କା ଯାଏଁ ବୃଦ୍ଧି କରାଯାଇଛି ।



ପୁରୀ ସଂସ୍କୃତି ଭବନଠାରେ ନାବାର୍ଡ ପକ୍ଷରୁ କୃଷକଙ୍କ କଲ୍ୟାଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ କିଷାନ କ୍ରେଡିଟ କାର୍ଡ ପ୍ରଦାନ କଲେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ନାବାର୍ଡ ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ ସୁଂଧାଂଶୁ କେ କେ ମିଶ୍ର ଓ ନାବାର୍ଡ ପୁରୀର ସହ ସାଧାରଣ ପରିଚାଳକ ସସ୍ମିତା ପୃଷ୍ଟି ।





ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସତ୍ୟବାଦୀ ଅଞ୍ଚଳ ବୁଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ବ୍ଲକର ଡେଣୁଅ, ଚଅଁରପଦା, ରଟିଲୋ ଓ ଅଲଣ୍ଡା ପଞ୍ଚାୟତର କ୍ଷେତ୍ର ପରିଦର୍ଶନ କରି ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିର ସ୍ଥିତି ପରଖିବା ସହ ସ୍ଥାନୀୟ ତହସିଲଦାର ଏବଂ କୃଷି ଅଧିକାରୀଙ୍କୁ କ୍ଷୟକ୍ଷତିର ସଠିକ୍ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଜୀଙ୍କ ୧୦୦ ତମ ଜନ୍ମ ଦିବସ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଦାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ପୁରୀଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲ୍ ।



ରାଜସୁନାଖଳା ମହୋତ୍ସବରେ ଅତିଥି ଭାବେ ଯୋଗଦେଲେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ. ସମ୍ବିତ ପାତ୍ର ଓ ବିଧାୟକ ସିଦ୍ଧାନ୍ତ ମହାପାତ୍ର ।



ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କ ଓ ସତ୍ୟବାଦୀର ବିଧାୟକ ଓମ୍ ପ୍ରକାଶ ମିଶ୍ର ବିଧାନସଭା ନିର୍ବାଚନମଣ୍ଡଳୀ ମୁଳାସାଲା ପଞ୍ଚାୟତ ଗ୍ରାମରେ ବର୍ଷା ହେତୁ ନଷ୍ଟ ହୋଇଥିବା ଧାନ ଫସଲ ଯାଞ୍ଚ କରିବା ସହ ଚାଷୀଙ୍କୁ ସରକାର ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।




ଉଦଳା ମହୋତ୍ସବ 'ଧୁମୁସା-୨୦୨୪'ରେ ଅତିଥି ଭାବେ ଯୋଗ ଦେଇଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ ଏବଂ ବାରିପଦା ବିଧାୟକ ପ୍ରକାଶ ସୋରେନ ।




ଜଳବାୟୁ ସ୍ଥିରତା କ୍ଷେତ୍ରରେ ଆଲୋଚନାଚକ୍ରରେ ଅଂଶଗ୍ରହଣ କାର୍ଯ୍ୟକ୍ରମରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ, ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ବିଜେପି ମୁଖପାତ୍ର ସଜନ ଶର୍ମା ଅତିଥି ଭାବେ ଉପସ୍ଥିତ ଥିଲେ ।



ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ୍ ଗାନ୍ଧିଙ୍କ ଦ୍ୱାରା ହୋଇଥିବା ଆକ୍ରମଣର ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚା (ପୁରୀ ଜିଲ୍ଲା) ଓ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୁରୀ ଆରକ୍ଷୀ ଅଧ୍ୟକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଅଛି ।



ନୂତନ ବର୍ଷ ଉପଲକ୍ଷେ ବନ୍ଧୁ ମାନଙ୍କୁ 'ପୁଷ୍ପଗୁଚ୍ଛ' ବଦଳରେ 'ଚାରା ଗଛ' ଉପହାର ସ୍ୱରୂପ ପ୍ରଦାନ କରିବା ପାଇଁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।




୬୪ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଓ ପୁସ୍ତକ ମେଳାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।



ଶ୍ରୀକ୍ଷେତ୍ର ମଠାଧିଶ ସେବା ସଂଘର ପ୍ରତିନିଧି ମଣ୍ଡଳୀ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ଶ୍ରୀକ୍ଷେତ୍ରସ୍ଥ ମଠ ନାମରେ ରେକର୍ଡ ଓ ପରିକ୍ରମା ପ୍ରକଳ୍ପରେ ଉଚ୍ଛେଦ ମଠର ନବନିର୍ମାଣ ସମ୍ପର୍କରେ ସଂଘର ସନ୍ଥ ମହନ୍ତ ମାନେ ଆଲୋଚ୍ନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ ।



କୋଣାର୍କ ଅର୍ବାନ ହାଟଠାରେ ହସ୍ତଶିଳ୍ପ ସେବାକେନ୍ଦ୍ର ଭୁବନେଶ୍ୱର, ଭାରତ ସରକାରଙ୍କ ବସ୍ତ୍ରମନ୍ତ୍ରଣାଳୟ, ହସ୍ତଶିଳ୍ପ ଆୟୁକ୍ତ ଦ୍ୱାରା ଆୟୋଜିତ ଗାନ୍ଧି ଶିଳ୍ପ ବଜାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ।






## ଅବଶିଷ୍ଟାଂଶ

# ଓଡ଼ିଶାର ବିକାଶ ଓ ପ୍ରବାସୀ...

ଏବଂ ଓଡିଶାର ସଂସ୍କୃତି ଓ ଐତିହ୍ୟ ତଥା ଅତିଥ୍ୟପରାୟଣତା ନିଶ୍ଚିତ ସ୍ମରଣୀୟ ଅନୁଭୂତି ଆଣିଦେବ । ପ୍ରବାସୀ ଭାରତୀୟ ଦିବସ ପାଳନ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟର ଅନ୍ୟତମ ପ୍ରମୁଖ କାର୍ଯ୍ୟକ୍ରମ। ଏହା ବିଭିନ୍ନ ଦେଶରେ ରହୁଥ ?ିବା ଭାରତୀୟମାନଙ୍କୁ ଏକସୂତ୍ରରେ ବାନ୍ଧି ସମ୍ପର୍କ ସ୍ଥାପନ କରିବା ତଥା ପରସ୍ପର ସହ ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥାଏ। ମଧ୍ୟପ୍ରଦେଶ ସରକାରଙ୍କ ସହଭାଗିତାରେ ଦୁଇବର୍ଷ ତଳେ ଇନ୍ଦୋର ନଗରୀରେ ସପ୍ତଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜିତ ହୋଇଥିଲା; ଯାହାର ମୂଳାଧାର ଥିଲା- ପ୍ରବାସୀ: ଅମୃତକାଳରେ ଭାରତର ପ୍ରଗତିରେ ବିଶ୍ୱସନୀୟ ଭାଗୀଦାର ଓ ଏଥ ?ିରେ ପ୍ରାୟ ୭୦ଟି ଦେଶରୁ ୬ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଭାଗ ନେଇଥିଲେ। ଭୁବନେଶ୍ୱରର ସମାରୋହର ମୂଳାଧାର ବା ଥିମ୍ ରହିବ 'ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟଙ୍କ ଅବଦାନ'। ଏହି ସମ୍ମିଳନୀରେ ତିନିଟି ଭାଗ ରହିବ। ଏହି ତିନିଦିନିଆ ମହୋତ୍ସବରେ ବିଭିନ୍ନ ପ୍ରସଙ୍ଗ ଆଧାରରେ ପାଞ୍ଚଗୋଟି ବିଷୟବସ୍ତୁ ଉପରେ ଆଲୋଚନା କରାଯିବାକୁ ସ୍ଥିର ହୋଇଛି। ୧. ପରିସୀମା ବାହାରେ: ବୈଶ୍ୱିକ ପୃଥ ?ିବୀରେ ପ୍ରବାସୀ ଯୁବ-ଭାରତୀୟଙ୍କ ନେତୃତ୍ୱ, ୨. ପ୍ରତିବନ୍ଧକ ଭାଙ୍ଗି ସେତୁ ନିର୍ମାଣ: ସ୍ଥାନାନ୍ତର କୌଶଳର କାହାଣୀ, ୩. ସବୁଜ ସଂଯୋଗ: ସ୍ଥାୟୀ ସମାବେଶୀ ବିକାଶରେ ପ୍ରବାସୀଙ୍କ ଅବଦାନ, ୪. ପ୍ରବାସୀ ଦିବସ: ମହିଳା ନେତୃତ୍ୱ ଏବଂ ପ୍ରଭାବର ଇସ୍ତାହାର - ନାରୀ ଶକ୍ତି ୫. ପ୍ରବାସୀ ଭାରତୀୟଙ୍କ ମୁହଁରୁ: ସଂସ୍କୃତି, ସଂଯୋଗ ଏବଂ ସମ୍ପର୍କର କାହାଣୀ । ବିଦେଶରେ ବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ଭାରତ ସରକାରଙ୍କ ସହ ତଥା ନିଜର ମୂଳ ସଂସ୍କୃତି ସହିତ ଦୃଢ଼ଭାବେ ଯୋଡ଼ିହୋଇ ରହିବା ପାଇଁ ପ୍ରବାସୀ ଭାରତୀୟ ଦିବସର ପରିକଳ୍ପନା ଓ ସମ୍ମିଳନୀର ପ୍ରଥମ ଦିନଟିକୁ ଯୁବ-ପ୍ରବାସୀ ଭାରତୀୟ ଦିବସ ରୂପେ ଉତ୍ସର୍ଗ କରାଯାଉଛି । ଆମ୍ଭେ ଭାରତର ଗୃହମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀଙ୍କ ସହିତ ସମ୍ମିଳିତ ଭାବେ ଯୁବ-ପ୍ରବାସୀ ଭାରତୀୟ ଦିବସକୁ ଉଦ୍ ?ଘାଟନ କରିବୁ। ସମାରୋହର ଦ୍ୱିତୀୟ ଦିବସରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ସମ୍ମିଳନୀକୁ ବିଧ ?ିବଦ୍ଧ ଉଦ୍ ?ଘାଟନ କରିବେ । ପରବର୍ତ୍ତୀ ଦିବସର ଅନ୍ତିମ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟ ସମ୍ମାନ ଓ ପୁରସ୍କାର ପ୍ରଦାନ କରିବା ସହିତ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଓଡ଼ିଶାବାସୀ ସରକାର ପରିବର୍ତ୍ତନ କରି ନୂଆ ସରକାରଙ୍କ ଠାରୁ ସୁଶାସନ, ପ୍ରଗତି ଏବଂ ଓଡ଼ିଆ ଅସ୍ମିତାର ଉପସ୍ଥିତି ଅନୁଭବ କରିବାକୁ ଚାହାନ୍ତି ଓ ଏହା ସେମାନେ ଆଶା କରିବା ମଧ୍ୟ ସ୍ୱାଭାବିକ । ଅପାର ସମ୍ଭାବନାର ସମୃଦ୍ଧ ଭଣ୍ଡାର ଆମ ଓଡ଼ିଶା । ସର୍ବଦା ଶାନ୍ତି ଓ ସମୃଦ୍ଧି କାମନା କରୁଥିବା ଏ ମାଟିର ମହକ ଦେଶ ବିଦେଶରେ ବିଚ୍ଛୁରିତ । ଆମ ରାଜ୍ୟ ଓଡ଼ିଶା କାଳେକାଳେ ଉନ୍ନତ ସାଂସ୍କୃତିକ ବିଚାରଧାରା ଓ ମାନବିକତାର ଜୟଗାନ କରିଆସିଛି। ଏହାର ପ୍ରାକୃତିକ ସମ୍ପଦ, ସୁଦୀର୍ଘ ସାମୁଦ୍ରିକ ଉପକୂଳ, ନଦନଦୀ, ଜଙ୍ଗଲ ଅନନ୍ୟ ଓ ଓଡ଼ିଶାର ସଂସ୍କୃତି ସମ୍ପନ୍ନ ଶାନ୍ତିପ୍ରିୟ ମାନବ ସମ୍ବଳ ଅନୁପମ। ଏ ସମସ୍ତ ଉପାଦାନ ସହିତ ପ୍ରବାସୀ ଭାରତୀୟଙ୍କ ପାଖରୁ ଆର୍ଥିକ, ବୈଷୟିକ ଏବଂ କୌଶଳଗତ ସହଯୋଗ ମିଳିଲେ, ଓଡ଼ିଆ ଯୁବସମ୍ପଦ ମଧ୍ୟ ଅସୀମିତ ଉନ୍ନତି ପଥରେ ଆମ ରାଜ୍ୟକୁ ଆଗେଇ ନେଇ ପାରିବେ । ସେମାନଙ୍କ ସହୃଦୟ ସହଯୋଗ ଓ ସକ୍ରିୟ ଭାଗୀଦାରି ଆମକୁ ଆନନ୍ଦିତ କରିବା ସହ ଏକ ସୁସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଦିଗରେ ଗର୍ବର ସହ ଅଗ୍ରସର ହେଇପାରିବ। ଆସନ୍ତା ୨୮ ଓ ୨୯ ତାରିଖରେ ଆମେ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ୨୦୨୫ ଆୟୋଜନ କରିବାକୁ ଯାଉଛୁ, ଯେଉଁଥରେ ଦେଶ ଓ ବିଦେଶର ଶିଳ୍ପପତି, ପୁଞ୍ଜି ବିନିଯୋଗକାରୀ ଓ ଅନେକ ଯୁବ ଉଦ୍ୟୋଗୀ ଷ୍ଟାର୍ଟଅପ୍ ଯୋଗଦେବେ। ଓଡ଼ିଶାକୁ ୨୦୩୬ ମସିହା ବେଳକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାର ସଂକଳ୍ପ ଆମେ ନେଇଛୁ । ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ପାଉଛୁ। ବିକଶିତ ଓଡ଼ିଶାର ସମ୍ଭାବନା ସଫଳ ହେବାପାଇଁ ଓଡ଼ିଶା ମାଟିରେ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଆମେ ଏକ ମହୋତ୍ସବ ଭଳି ପାଳନ କରିବାକୁ ଯାଉଛୁ। ପ୍ରବାସୀମାନଙ୍କ ଅବଦାନ ଓ ଆମର ନିଷ୍ଠାପର ଉଦ୍ୟମ ଏପରି ମହଦାକାଂକ୍ଷୀ ସମ୍ଭାବନାକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଆମେ ଭୁଲିଯିବା ଉଚିତ ନୁହେଁ କି ବୀର ପ୍ରସବିନୀ ଏହି ମାଟି ଘାତ ପ୍ରତିଘାତ ଓ ସଂଘର୍ଷର ସୁନାମି ଭିତରେ ବି ଦୃଢ଼ ଇଚ୍ଛାଶକ୍ତି ଓ ଅଦମ୍ୟ ସାହସର ହିମାଳୟ ହେଇ ଠିଆ ହେବା ଶିଖିଛି। ଯାତନାର ମହାବାତ୍ୟା ଆମ ଧନ ଜୀବନ ନେଇଯାଇ ଥାଇପାରେ କିନ୍ତୁ ଅଟଳ ଅଚଳ ମହାମେରୁ ପରି ମନକୁ ଟିକିଏ ବି ଦୋହଲେଇ ପାରିନାହିଁ । ଓଡ଼ିଶା ମାଟିରେ କୌଣସି ଗୋଟିଏ କାର୍ଯ୍ୟକ୍ରମରେ ଦେଶର ଶୀର୍ଷ ନେତୃତ୍ୱଙ୍କ ସମେତ ପ୍ରତିଷ୍ଠିତ ପ୍ରବାସୀ ଭାରତୀୟ ଏକାଠି ହେବାର ବିରଳ ସୁଯୋଗ ସୃଷ୍ଟି କରିବ। ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ କରାଯାଉଥ ?ିବା ଏହି ମହାମଞ୍ଚ । ଓଡ଼ିଶାରୁ ଯାଇ ଯେଉଁମାନେ ବିଦେଶରେ ବସବାସ କରି ରହୁଛନ୍ତି, ସେମାନେ ଓଡ଼ିଶା ଆସି, ନିଜର ମୂଳ ସହିତ ଯୋଡ଼ିହେବାର ଅନନ୍ୟ ସୁଯୋଗ ପାଇବେ । ପ୍ରବାସୀ ଭାରତୀୟ ଦିବସ ସମାରୋହ ଆମ ସମସ୍ତଙ୍କ ପାଇଁ ଏକ ଭାବନାତ୍ମକ କାର୍ଯ୍ୟକ୍ରମ। ଏହାକୁ ସଫଳ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଅତିଥୁ ପରାୟଣତାର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବା ପାଇଁ ପ୍ରବାସୀ ଭାରତୀୟ ଦିବସ ଆମକୁ ଯେଉଁ ସୁଯୋଗ ଦେଇଛି, ତାହାକୁ ସୁଚାରୁ ରୂପେ ସମ୍ପାଦନ କରି ଆସନ୍ତୁ, ଆମେ ଓଡ଼ିଆ ଅସ୍ମିତାର ବୈଜୟନ୍ତୀ ଉଡ଼ାଇବା ଏବଂ ଓଡ଼ିଆ ପ୍ରେମ ଓ ଉତ୍କର୍ଷକୁ ବିଶ୍ୱାସର ବଣ୍ଟବୋଧ କରି ଆଗକୁ ବଢ଼ିବା। ଓଡ଼ିଆ ସ୍ୱାଭିମାନ ଯେବେ ବି କ୍ଷତବିକ୍ଷତ ହେଇଛି, ସେତେବେଳେ ଆମ ଓଡ଼ିଆ ଭାଇଭଉଣୀମାନେ ହିଁ ଏହାର ତ୍ରାଣକାର୍ତ୍ତା ସାଜି ଓଡ଼ିଶାକୁ ମହିମାମଣ୍ଡିତ କରିଛନ୍ତି। ଏଣୁ ଆଜିର ଏ ମହାର୍ଘ ଅବସରରେ ଆଶା କରିବି ଯେ ପ୍ରବାସୀମାନେ ବି ଓଡ଼ିଶା ପ୍ରତି ସେମାନଙ୍କ ଏକାନ୍ତ ଆତ୍ମୀୟତା ଓ ଭଲପାଇବାର ଉଦାହରଣ ଦେଇ ଏ ମାଟିର ସ୍ୱାଭିମାନକୁ ଗୌରବାନ୍ୱିତ କରିବେ ।

# ସମୁଦ୍ରରେ ନୌସେନାର ଶୌର୍ଯ୍ୟ ପ୍ରଦର୍ଶନ: ପୁରୀ ବେଳାଭୂମି ପାଲଟିଲା ଜନସମୁଦ୍ର







**ପୁରୀ:** ନା ଯୁଦ୍ଧ ହେଉଥିଲା, ନା ଶତ୍ରୁପକ୍ଷରୁ ଆକ୍ରମଣର ଭୟ ଥିଲା। ମାତ୍ର ସମୁଦ୍ରରୁ ଆକାଶ କିଛି ସମୟ ପାଇଁ ଯୁଦ୍ଧର ଭ୍ରମ ସୃଷ୍ଟି ହୋଇଥିଲା। ଲଢୁଆ ବିମାନ 'ସି-ହକ୍' ଜେଟ୍ ବାଦଲ ଚିରି ଗର୍ଜନ କରି ଉଡ଼ିଗଲା ବେଳେ କାନ ବୁଜି ଦେଉଥିଲା ହାତ। କିନ୍ତୁ ପରାକ୍ରମୀ ସେନାଙ୍କ ଏଭଳି ଉଡ଼ାଣ ଦେଖି ଛାତି ଗର୍ବରେ ଫୁଲି ଉଠିଥିଲା। ହେଲିକପ୍ଟରରୁ ମେରିନ୍ କମାଣ୍ଡୋମାନେ ସମୁଦ୍ରକୁ ଖସିବାର ଦୃଶ୍ୟ ଦେଖି ଦେହ ଶିତେଇ ଯାଉଥିଲା। କିନ୍ତୁ ନୌବୀରଙ୍କ ସାହସ ଦେଖି ମନ କୁଣ୍ଢେମୋଟ ହୋଇଯାଉଥିଲା। ଯୁଦ୍ଧର ଡେମୋ ଦେଖାଉଥିଲେ ସତ, କିନ୍ତୁ ସେଇ ସେନାନୀଙ୍କ ପାଇଁ ଆମେ ଯେ ସତରେ ସୁରକ୍ଷିତ, ତାହା ସେମାନେ ପ୍ରମାଣିତ କରିଦେଉଥିଲେ। ନୌସେନା ଦିବସରେ ସେନାଙ୍କ ଏହି ପରାକ୍ରମ ଦେଖିବାକୁ ଆଜି ପୁରୀ ସମୁଦ୍ରକୂଳ ଜନସମୁଦ୍ର ପାଲଟିଥିଲା। ପେଣ୍ଟକଟାଠାରୁ ଷ୍ଟର୍ଲିନ୍ ପର୍ଯ୍ୟନ୍ତ ସୁଦୀର୍ଘ ବେଳାଭୂମିରେ ଏକକାଳୀନ ୩ ଲକ୍ଷରୁ ଉର୍ଦ୍ଧ୍ୱ ଜନସମାଗମ ରଥଯାତ୍ରା ଭିଡ଼ର ଭ୍ରମ ସୃଷ୍ଟି କରିଥିଲା। ତିନି ସେନାବାହିନୀର ସୁପ୍ରିମ୍ କମାଣ୍ଡାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଭବ୍ୟ ସମାରୋହରେ ଥିଲେ ମୁଖ୍ୟଅତିଥି। ଉଦବୋଧନ ପ୍ରସଙ୍ଗରେ କହିଥିଲେ, ଅତୀତର କଳିଙ୍ଗ ରାଜତ୍ୱ ସମୟରେ ପୁରୀ ସମୁଦ୍ର ତଟ ନୌବାଣିଜ୍ୟ ସହ ଜଡ଼ିତ ଥିଲା। ଏଣୁ ପୁରୀ ଭଳି ଜାଗାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କୃତଜ୍ଞତା ଜଣାଉଛି। ଭାରତରେ ସାମୁଦ୍ରିକ ବ୍ୟାପାର ୫ହଜାରରୁ ଅଧିକ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଇତିହାସର ସେହି ପୂର୍ବ ଗରିମାକୁ ବଜାୟ ରଖିବା ସହ ଭବିଷ୍ୟତରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଭାରତର ଦୃଢ଼ ସାମୁଦ୍ରିକ ସାମର୍ଥ୍ୟ ରହିଛି। ଆମ ନୌବାହିନୀ ସାମୁଦ୍ରିକ ସୁରକ୍ଷା ଓ ନିରାପତ୍ତା ଦିଗରେ ଆହୁରି ଅଧିକ କ୍ରିୟାଶୀଳ ହେବ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର କରିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦୁଇ ମହିଳା ନୌସେନା ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଦିଲ୍‌ନା କେ ଓ ଲେଫ୍ଟନାଣ୍ଟ କମାଣ୍ଡର ରୁପାଙ୍କ ଉଦାହରଣ ଦେଇଥିଲେ। ୧୯୭୧ ଯୁଦ୍ଧରେ ଅଦମ୍ୟ ପରାକ୍ରମ ଦେଖାଇ ବଳିଦାନ ଦେଇଥିବା ଆଇଏନ୍ଏସ୍ 'ଖୁକ୍ରି'ର କ୍ୟାପଟେନ୍ ମହେନ୍ଦ୍ରନାଥ ମୁଲ୍ଲାଙ୍କୁ ବି ମନେ ପକାଇଥିଲେ। ଯୁଦ୍ଧ ବେଳେ ଜଣେ କମାଣ୍ଡିଂ ଅଧିକାରୀ ଭାବେ ସେ ଯେଉଁଭଳି ନେତୃତ୍ୱ ଓ ପରାକ୍ରମ ଦେଖାଇ ପ୍ରାଣବଳି ଦେଇଥିଲେ, ତାହା ଅବିସ୍ମରଣୀୟ। ନୌସେନାର ଅଧକ୍ଷ ଭାବେ ମୁଁ ଗୌରବାନ୍ୱିତ। ନୌବାହିନୀର ଦେଶଭକ୍ତି, ଦେଶ ସେବା, ବୀରତ୍ୱ ସର୍ବଦା ପ୍ରେରଣାଦାୟୀ। ଶେଷରେ ସମସ୍ତ ନୌସେନା ଅଧିକାରୀ, ନାବିକ ଓ ସେନା କର୍ମଚାରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ନୌସେନା ଦିବସ ଅବସରରେ ନୌବୀରଙ୍କ ରଣକୌଶଳ ଦେଖିବା ସୁଯୋଗକୁ କେହି ଯେମିତି ହାତଛଡ଼ା କରିବାକୁ ଚାହୁଁନଥିଲେ। ଯୁଦ୍ଧପୋତ ଜାହାଜ ସମୁଦ୍ର କୂଳକୁ ଯେତେ ନିକଟବର୍ତ୍ତୀ ହେଉଥିଲା, ଲୋକଙ୍କ ମଧ୍ୟରେ ରୋମାଞ୍ଚ ବଢ଼ିବାରେ ଲାଗିଥିଲା। ବିଶାଳକାୟ ପାଣି ଜାହାଜ ଦେଖି ମନ ନ ଭରୁଣୁ ସମୁଦ୍ରର ଅଥଳ ଜଳରାଶିରେ ଯାଉଥିବା ବୁଡ଼ାଜାହାଜ ଆଇଏନ୍ଏସ୍ 'ସଲ୍‌କି'କୁ ଦେଖି ଉଲ୍ଲସିତ ହୋଇ ଉଠିଥିଲେ। ଓଡ଼ିଆ ପୁଅ ରାହୁଲ ପଟ୍ଟନାୟକ ଏହି ବୁଡ଼ାଜାହାଜ ଚଳାଉଥିବା ଜାଣିବା ପରେ ତାଳିରେ ଗୁଞ୍ଜରିତ ହୋଇଥିଲା ବେଳାଭୂମି ମାର୍ଗ। ଚେତକ ହେଲିକପ୍ଟରଠୁ ନେଇ ଜେଟ ବିମାନରୁ ଗୁଳିଗୋଳା ବର୍ଷାର ଦୃଶ୍ୟ ଦେଖି ହୋହଲ୍ଲାରେ ଫାଟି ପଡୁଥିଲା ପରିବେଶ। ହେଲିକପ୍ଟରରୁ ପାରାଚ୍ୟୁଟ୍ ସହାୟତାରେ ଓହ୍ଲାଇବାର ଦୃଶ୍ୟ ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ। ବିଶେଷ କରି ସମୁଦ୍ରକୂଳ ନିକଟରେ ବିଭିନ୍ନ କୋଠା ଉପରେ ପାରାଚ୍ୟୁଟ୍‌ରେ କମାଣ୍ଡୋମାନଙ୍କ ଅବତରଣ ଏବଂ ଆକାଶମାର୍ଗରେ ଚକ୍କର କାଟିବାର ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ତ୍ରିରଙ୍ଗା ସଦୃଶ ପାରାଚ୍ୟୁଟ୍ ହେଉ ବା ଜାତୀୟ ପତାକା ଓ ନାଭି ପତାକା ସଂଲଗ୍ନ ଥିବା ପାରାଚ୍ୟୁଟ୍‌କୁ ଧାରଣ କରି କମାଣ୍ଡୋମାନେ ସମୁଦ୍ର କୂଳରେ ଓହ୍ଲାଇଥିଲେ। ଆକାଶର ବାଦଲମାଳା ସହ ଭାସୁଥିବା ବେଳର ଦୃଶ୍ୟକୁ ଅନେକ ମୋବାଇଲରେ ଉତ୍ତୋଳିତ କରି ନେଉଥିଲେ। ସମୁଦ୍ର କୂଳରେ ଏମିତି କୌଣସି କୋଠା ନଥିଲା, ଯାହା ଉପରେ ଜନତାଙ୍କ ସମାଗମ ହୋଇ ନଥିଲା। ଭାରତୀୟ ନୌସେନାର ଏହି ଐତିହାସିକ ରଣକୌଶଳ ପ୍ରଦର୍ଶନୀ ପୁରୀ ଇତିହାସରେ ଅବିସ୍ମୃତ ହୋଇରହିବ ବୋଲି କହିଛନ୍ତି ଏହାକୁ ଅଙ୍ଗେ ନିଭାଇଥିବା ଜନତା। ନୌସେନାର ଅପରେସନାଲ୍ ଡେମୋନ୍‌ଷ୍ଟ୍ରେସନର ଆକର୍ଷଣ ବଢ଼ାଇଥିଲା ଡ୍ରୋନ୍ ସୋ।



ଭୁବନେଶ୍ୱର ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ଦେଶରେ ସୁଶାସନ ପ୍ରତିଷ୍ଠା ସହ ଓଡ଼ିଶାର ବିକାଶରେ ଅଟଳଜୀଙ୍କ ଅବଦାନକୁ ଏ ମାଟି କେବେବି ଭୁଲି ପାରିବ ନାହିଁ ।



ନୂଆଦିଲ୍ଲୀଠାରେ ଜାତୀୟସ୍ତରରେ ଓଡ଼ିଶା ସମ୍ମାନିତ। ଓଡ଼ିଶାକୁ ମିଳିଛି 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆ ଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଆଗାମୀ ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି।



ଅଦିନିଆ ବର୍ଷା ଯୋଗୁଁ ଫସଲରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ ଜଗତସିଂପୁର ଜିଲ୍ଲାର କୁଜଙ୍ଗ ଅଞ୍ଚଳ ପରିଦର୍ଶନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ବେଲଭ୍ୟୁ ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଓ ବିଧାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଉପଲଡା ଗ୍ରାମ ପଞ୍ଚାୟତର ଲିଙ୍ଗିପୁର ଓ ଗୁରାଣ୍ଡିଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି।




ସମ୍ବଲପୁରଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ପକ୍ଷରୁ ଆୟୋଜିତ ଭିନ୍ନକ୍ଷମମାନଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରିବା ଅବସରରେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ସାଂସଦ ଡ. ସମ୍ବିତ ପାତ୍ର ଅତିଥି ଭାବେ ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି।



ସୂତା କ୍ରୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୂତା ନିଗମର ସିଏମ୍‌ଡିଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ।



ଲୋକଙ୍କୁ ତ୍ୱରିତ ପୋଲିସ ସେବା ମିଳିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି।

## ନେପାଳରୁ ଶ୍ରୀକ୍ଷେତ୍ର ଆସିଲା ଶାଳଗ୍ରାମ



**ପୁରୀ:** ନେପାଳର ଗଣ୍ଡୁକି ନଦୀରୁ ଶ୍ରୀକ୍ଷେତ୍ରରେ ପହଞ୍ଚିଛି ୨୮କେଜି ଓଜନର ଶାଳଗ୍ରାମ। ଗୁରୁବାର କଳିଙ୍ଗ ବୈ ?ଶ୍ୟ ସଂଘ ପକ୍ଷରୁ ସୁସଜ୍ଜିତ ଶାଳଗ୍ରାମକୁ ରାଜନଅର ନିକଟରୁ ଶୋଭାଯାତ୍ରାରେ ଶ୍ରୀମନ୍ଦିର ନିଆଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପରେ ଶାଳଗ୍ରାମକୁ ଭୁବନେଶ୍ୱର ଅଭିମୁଖେ ନିଆଯାଇଛି। ବୈ ?ଶ୍ୟ ସମାଜ ପକ୍ଷରୁ ଭୁବନେଶ୍ୱରରେ ନିର୍ମିତ ହେଉଥିବା କୁଳ ଦେବୀ କନ୍ୟକା ପରମେଶ୍ୱରୀଙ୍କ ମନ୍ଦିରରେ ଏହି ଶାଳଗ୍ରାମ ପୂଜା ପାଇବେ। ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ କନ୍ୟକା ପରମେଶ୍ୱରୀଙ୍କ ମନ୍ଦିର ନିର୍ମାଣ ପାଇଁ ଜଣେ ଭକ୍ତ ୧୧ ହଜାର ୧୧୧ ବର୍ଗଫୁଟ ଜମି ଦାନ କରିଛନ୍ତି। କନ୍ୟକା ପରମେଶ୍ୱରୀଙ୍କ ମୂଳ ଆବିର୍ଭାବସ୍ଥଳୀ ହେଉଛି ଆନ୍ଧ୍ରପ୍ରଦେଶର ପେନୁଗୁଣ୍ଡା। ତେବେ ଭକ୍ତମାନଙ୍କ ଉଦ୍ୟମରେ ଭୁବନେଶ୍ୱରରେ ବୈ ?ଶ୍ୟ ସମାଜର କୁଳଦେବୀଙ୍କ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ନେପାଳରୁ ଶାଳଗ୍ରାମଙ୍କୁ ଅଣାଯାଇଛି। ମନ୍ଦିର ନିର୍ମାଣ ପରେ ଶାଳଗ୍ରାମ ଉକ୍ତସ୍ଥାନରେ ଦେବୀଙ୍କ ସହ ପୂଜା ପାଇବେ ବୋଲି ସଂଘର ଭୁବନେଶ୍ୱର ସମ୍ପାଦକ ରଞ୍ଜନ କୁମାର ପାତ୍ର କହିଛନ୍ତି।

## ପୁରୀ ବିଚ୍ ମାରାଥନ୍

**ପୁରୀ:** ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି) ପକ୍ଷରୁ ଆୟୋଜିତ 'ପୁରୀ ବିଚ୍ ମାରାଥନ୍' ଚତୁର୍ଥ ସଂସ୍କରଣରେ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଦେଖିବାକୁ ମିଳିଛି ପ୍ରବଳ ଉତ୍ସାହ। ରାଜ୍ୟ, ଦେଶ ଓ ଦେଶ ବାହାରୁ ୫ଶହ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ୮୦ ଜଣ ମହିଳା କ୍ରୀଡ଼ାବିତ୍ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଇଥିଓପିଆ, କେନିଆ ଓ ଇଂଲଣ୍ଡର ପ୍ରତିଯୋଗୀମାନେ ମଧ୍ୟ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ୨୧କିଲୋମିଟର ହାପ୍ ମାରାଥନକୁ ଓଡ଼ିଶାର ଅଶୋକ ଦଣ୍ଡସେନା ୧ ଘଣ୍ଟା ୧୭ ମିନିଟ୍ ୨୫ ସେକେଣ୍ଡ୍‌ରେ ଶେଷ କରି ପ୍ରଥମ ପୁରସ୍କାର ହାତେଇଛନ୍ତି। ତାଙ୍କୁ ଟ୍ରଫି ୫୦ ହଜାର ଟଙ୍କାର ଆର୍ଥିକ ରାଶି ଦିଆଯାଇଛି। ପୂର୍ବ ବର୍ଷ ମଧ୍ୟ ଅଶୋକ ଦଣ୍ଡସେନା ପ୍ରଥମ ପୁରସ୍କାର ପାଇଥିଲେ।

## ରଥକାଠ ଅନୁକୂଳ ପାଇଁ ନୟାଗଡ଼ ଗଲା ମାଳ, ମାହାର୍ଦ୍ଦ



**ପୁରୀ:** ରଥଯାତ୍ରାର ଆଦ୍ୟ ପର୍ବ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତାବର୍ଷ ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ କାଟିବାକୁ ଅନୁମତି ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନର ୩ଜଣିଆ ଦଳ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ, ଲାଗି ଖଣ୍ଡୁଆ, ନଡ଼ିଆ ଆଦି ନେଇ ଆଜି ନୟାଗଡ଼ ଗସ୍ତ କରିଛନ୍ତି। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଭେଟି ରଥକାଠ ଅନୁକୂଳର ପୂର୍ବପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରତିବର୍ଷ ଭଳି ଆସନ୍ତାକାଲି ମଙ୍ଗଳବାର ନୟାଗଡ଼ ବନଖଣ୍ଡ ଅଧୀନ ଗଣିଆ ବନାଞ୍ଚଳ ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ଭବ୍ୟ ପୂଜାର ଆୟୋଜନ କରାଯାଇଛି। ଏହି ଅବସରରେ ବଡ଼ରାଉଳ ଠାକୁରାଣୀଙ୍କୁ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ ସହ ଲାଗି ଖଣ୍ଡୁଆ, ନଡ଼ିଆ ଆଦି ସମର୍ପଣ କରାଯିବ ଏବଂ ନୟାଗଡ଼ ବନଖଣ୍ଡରୁ ରଥଯାତ୍ରାରେ ତିନିରଥ ପାଇଁ ଆବଶ୍ୟକ କାଠ କାଟିବାର ଅନୁମତି ମଗାଯିବ।ଏହି ଉପଲକ୍ଷେ ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଭାବେ ରଥର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମାଳ, ମାହାର୍ଦ୍ଦ ଆଦି ନେଇ ନୟାଗଡ଼ ଯାଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ସୂଚନା ମୁତାବକ, ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ ଅସନ, ଧଉରା, ଫାସି, ଶିମିଳି କାଠର ଆବଶ୍ୟକ ଥିବାବେଳେ ଗତବର୍ଷର ୫୧ ଖଣ୍ଡ କାଠ ବଳି ପଡ଼ିଛି।






# ପ୍ରୀତିସ୍ମିତାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

**ନୂଆଦିଲ୍ଲୀ:** ଓଡ଼ିଆ ଝିଅ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇଙ୍କୁ ମିଳିଛି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ୧୪ ରାଜ୍ୟର ୧୭ ଜଣ (୭ ବାଳକ ଓ ୧୦ ବାଳିକା)ଙ୍କୁ ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଗୁରୁବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ କଳା ଓ ସଂସ୍କୃତି, ସୃଜନୀ, ବିଜ୍ଞାନ ଓ ପ୍ରଯୁକ୍ତି, ସମାଜସେବା, କ୍ରୀଡ଼ା ଓ ପରିବେଶ ଭଳି ୭ଟି ବର୍ଗରେ ଉଲ୍ଲେଖନୀୟ ଉପଲବ୍ଧି ପାଇଥିବା ୧୪ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି କ୍ରମରେ ଭାରୋତ୍ତୋଳନ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ ପାଇଁ ଢେଙ୍କାନାଳର ୧୫ ବର୍ଷୀୟା ପ୍ରୀତିସ୍ମିତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି। ଚଳିତ ବର୍ଷ ପେରୁର ଲିମାରେ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁବ ଭାରୋତ୍ତୋଳନ ପ୍ରତିଯୋଗିତାରେ ପ୍ରୀତିସ୍ମିତା ବାଳିକା ୪୦ କିଲୋଗ୍ରାମ ବର୍ଗରେ ନୂଆ ବିଶ୍ୱ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ଜିତିଥିଲେ।



ପୁରସ୍କାର ସ୍ୱରୂପ ପ୍ରତ୍ୟେକ ବିଜେତାଙ୍କୁ ପଦକ, ପ୍ରମାଣପତ୍ର ଓ ପୁସ୍ତିକା ପ୍ରଦାନ କରାଯାଇଛି। ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ପରେ ବିଜେତାମାନେ ସ୍ଥାନୀୟ ଭାରତ ମଣ୍ଡପମ୍‌ରେ ତୃତୀୟ ବୀର ବାଲ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରତ ମଣ୍ଡପମ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ୧୭ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସହିତ ଭାବ ବିନିମୟ କରିଥିଲେ।



ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡ. ହିମନ୍ତ ବିଶ୍ୱ ଶର୍ମା ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମରେ ବ୍ୟାଡମିଣ୍ଟନ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର 'ଶଟଲ୍'ର ଉଦଘାଟନ କରିଛନ୍ତି। ଡାଲମିଆ ଗ୍ରୁପ୍ ସହ ମିଳିତ ଭାବରେ ନିର୍ମିତ ଏହି ଉଚ୍ଚସ୍ତରୀୟ ଭିତ୍ତିଭୂମି ମାଧ୍ୟମରେ ଏବଂ ବିଶ୍ୱ ପ୍ରସିଦ୍ଧ ପ୍ରଶିକ୍ଷକ ପୁଲେଲା ଗୋପିଚାନ୍ଦଙ୍କ ପ୍ରଶିକ୍ଷଣରେ ପ୍ରତିବର୍ଷ ୫୦ଜଣ ପ୍ରତିଭାବାନ ବ୍ୟାଡମିଣ୍ଟନ୍ ଖେଳାଳି ପ୍ରସ୍ତୁତ ହେବେ।

# ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶ ପାଇଁ ପ୍ରସ୍ତୁତ ହେବ ଯୋଜନା: ମନ୍ତ୍ରୀ

**ମୟୁରଭଞ୍ଜ:** ଦିନିକିଆ ମୟୁରଭଞ୍ଜ ଗସ୍ତରେ ଆସିଥିବା ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୋମବାର ଅପରାହ୍ନରେ ମୟୁରଭଞ୍ଜ ଜିଲ୍ଲା ସୀମା ତଥା କଳମା ନିକଟରେ ୧୮ନଂ ଜାତୀୟ ରାଜପଥ ଉପରେ ନିର୍ମାଣଧୀନ ସ୍ୱାଗତ ତୋରଣ ତଳେ ବିଜେପି ଦଳର ଶତାଧିକ ବରିଷ୍ଠ ନେତୃମଣ୍ଡଳୀ ଓ ଯୁବ ନେତୃତ୍ୱମାନଙ୍କ ବଡ଼ସାହିର ଜନପ୍ରିୟ ବିଧାୟକ ସନାତନ ବିଜୁଳି ସହ ସ୍ୱାଗତ କରିଛନ୍ତି। ବେତନଟୀଠାରେ ଚାଲିଥିବା ବେତନଟୀ ପ୍ରିମିୟର ଲିଗର ଉଦାଯାପନି ଉତ୍ସବରେ କମିଟି ପକ୍ଷରୁ ନିମନ୍ତ୍ରିତ ହୋଇ ମନ୍ତ୍ରୀ ଆସିଥିବା ବେଳେ ମୟୁରଭଞ୍ଜର ପ୍ରବେଶ ପଥରେ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ବଡ଼ସାହି ବିଧାୟକ। ମାତ୍ର କିଛି ସମୟର ରହଣି ଭିତରେ ମନ୍ତ୍ରୀ



ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ଚାଲିଥିବା ଲୋକାଭିମୁଖୀ ପ୍ରକଳ୍ପ ସମ୍ବନ୍ଧରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ଯେ, କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଏହାର ବିଶ୍ୱସ୍ତରୀୟ ସୁବିଧା ଏବଂ କ୍ରୀଡ଼ାବିତମାନଙ୍କ ସଫଳତାରୁ ସ୍ପଷ୍ଟ ହୋଇଛି। ଆଗାମୀ ଦିନରେ ବଡ଼ସାହି ନିର୍ବାଚନୀ କ୍ଷେତ୍ରର ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ନିରନ୍ତର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରର ବିକାଶ ଉପରେ ଆମେ ବିଧାୟକଙ୍କ ସହିତ ମିଶି ଅଧିକ ଗୁରୁତ୍ୱ ଦେବୁ ବୋଲି ମନ୍ତ୍ରୀ କହିଛନ୍ତି।

# ଇତିହାସ ରଚିଲେ ଗୁକେଶ: ସର୍ବକନିଷ୍ଠ ବିଶ୍ୱ ଚେସ୍ ବିଜେତା

**ସିଙ୍ଗାପୁର:** ଭାରତୀୟ ଯୁବ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଗୁରୁବାର ଭାରତୀୟ ଚେସ୍ ଇତିହାସରେ ନୂଆ ଫର୍ଦ ଯୋଡ଼ିଛନ୍ତି। ସିଙ୍ଗାପୁରରେ ଖେଳାଯାଇଥିବା ବିଶ୍ୱ ଚେସ୍ ପ୍ରତିଯୋଗିତା ଟ୍ରଫି ହାସଲ କରି ସର୍ବକନିଷ୍ଠ ବିଶ୍ୱବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ସମସ୍ତଙ୍କୁ ବିସ୍ମିତ କରି ଏହି ୧୮ ବର୍ଷୀୟ ବାଳକ ଗତ ଥର ବିଜେତା ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ମାତ୍ ଦେଇଛନ୍ତି। ୧୩ ରାଉଣ୍ଡ ସୁଦ୍ଧା ଉଭୟ ସମାନ ୬.୫ ପଏଣ୍ଟରେ ବରାବର ସ୍ଥିତିରେ ଥିଲେ। ଫଳରେ ଗୁରୁବାର ଖେଳାଯାଇଥିବା ଚତୁର୍ଦ୍ଦଶ ତଥା ଶେଷ ରାଉଣ୍ଡର ଗୁରୁତ୍ୱ ବଢ଼ିଯାଇଥିଲା। ୫୭ ମୁଭ୍ ପର୍ଯ୍ୟନ୍ତ ଉଭୟ ଉଭୟଙ୍କୁ କଡ଼ା ଟକ୍କର ଦେଇଥିଲେ। ତେବେ ୫୮ ମୁଭ୍‌ରେ ବିଜୟ ଆଶା ହରାଇ ଲିରେନ୍ ଓହରି ଯାଇଥିଲେ। ଫଳରେ ୭.୫-୬.୫ରେ ଜିତି ଗୁକେଶ ବିଶ୍ୱ ମୁକୁଟ ନିଶ୍ଚିତ କରିଥିଲେ। ୧୮ ବର୍ଷ ବୟସରେ ବିଶ୍ୱ ବିଜେତା ହେବାରେ ଗୁକେଶ ରୁଷୀୟ କିଂବଦନ୍ତି ଗ୍ୟାରି କାସ୍ପାରୋଭଙ୍କୁ ପଛରେ ପକାଇଛନ୍ତି। କାସ୍ପାରୋଭ ୧୯୮୫ରେ ଆନାତୋଲି କାର୍ପୋଭଙ୍କୁ ହରାଇ ୨୨ ବର୍ଷ



ବୟସରେ ବିଶ୍ୱ ବିଜେତା ହୋଇଥିଲେ। ଚଳିତ ବର୍ଷ କ୍ୟାଣ୍ଡିଡେଟ୍ସ ପ୍ରତିଯୋଗିତାରେ ଗୁକେଶ ବିଜୟୀ ହୋଇ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ମୁକୁଟ ଲଢ଼େଇ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଗୁକେଶ ବିଶ୍ୱ ମୁକୁଟ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ୫ ଥରର ବିଶ୍ୱ ବିଜେତା ଆନନ୍ଦ ଶେଷ ଥର ଲାଗି ୨୦୧୩ରେ ବିଶ୍ୱ ମୁକୁଟ ଜିତିଥିଲେ।

ପାଇଲେ ୧୪.୮୨ କୋଟି ଟଙ୍କା

ବିଶ୍ୱ ଚେସ୍? ପ୍ରତିଯୋଗିତାରେ ମୋଟ ପୁରସ୍କାର ରାଶି ୨.୫ ମିଲିୟନ ଡଲାର (ପ୍ରାୟ ୨୧.୨୨ କୋଟି) ଟଙ୍କା ରହିଛି। ଏଥିରୁ ପ୍ରତି କ୍ଲାସିକାଲ୍ ବିଜୟ ଲାଗି ୨ ଲକ୍ଷ ଡଲାର (୧.୬୯ କୋଟି ଟଙ୍କା) ପ୍ରଦାନ କରାଯିବ। ଗୁକେଶ ୩ ବିଜୟରୁ ୬ଲକ୍ଷ ଡଲାର (୫.୦୭ କୋଟି ଟଙ୍କା) ଏବଂ ୨ ବିଜୟରୁ ଲିରେନ୍ ୪ଲକ୍ଷ ଡଲାର (୩.୩୮ କୋଟି ଟଙ୍କା) ପାଇଛନ୍ତି। ଫଳରେ ୨.୫ ମିଲିୟନ ଡଲାରରୁ ଆଉ ୧.୫ ମିଲିୟନ ଡଲାର ବଳକା ରହିଥିଲା। ଏହି ବଳକା ରାଶିକୁ ବିଜେତା ଗୁକେଶ (୧.୩୫ ମିଲିୟନ ଡଲାର ତଥା ପ୍ରାୟ ୧୧.୪୫ କୋଟି ଟଙ୍କା) ଏବଂ ଉପବିଜେତା ଲିରେନ୍ (୧.୧୫ ମିଲିୟନ ଡଲାର ତଥା ୯.୭୫ କୋଟି ଟଙ୍କା) ମଧ୍ୟରେ ବାଣ୍ଟି ଦିଆଯାଇଛି। ଗୁକେଶ ମୋଟ ପ୍ରାୟ ୧୪.୮୨ କୋଟି ଟଙ୍କା କରାୟତ୍ତ କରିଛନ୍ତି।

ସୂଚନା

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA

ସମ୍ବାଦପତ୍ର ବଞ୍ଚି ରହିବା ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ
ଦାନ/ସମ୍ବାଦପତ୍ରର ବାର୍ଷିକ ଦେୟ ଓ ନୂତନ ବର୍ଷ ୨୦୨୫ ଓ ପ୍ରଥମ ସନକ୍ଷତ୍ର ପାଇଁ ବିଜ୍ଞାପନ ଦେୟ ଦେବାର ସହଜ ଉପାୟ

ଉପରୋକ୍ତ QR codeକୁ UPI APP ମାଧ୍ୟମରେ ସ୍କାନ କରି ଦେୟ ରସିଦ୍‌କୁ ନଂ ୯୪୩୭୦୫୮୬୩୨ ଓ
email: soochananews111@gmail.com
MARRIAGE ANNIVERSARY AND NEW YEAR MASSAGE
TARIFF
NEWSPAPER SIZE 12 INCH (LENGTH) X 12 INCH (WIDTH)
ANNUAL NEWSPAPER SUBSCRIPTION @ 10 X 12 cm Rs 120

୯୪୩୭୦୫୮୬୩୨ରେ ଯୋଗାଯୋଗ କରନ୍ତୁ।

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA

# ଇଂରାଜୀ ନବ ବର୍ଷ ଉପଲକ୍ଷେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଏପ୍ରିଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

(୧)- ମକର ସଂକ୍ରାନ୍ତି ଜାନୁଆରୀ ୧୪ (୨)- ମହାଶିବରାତ୍ରୀ ଫେବୃଆରୀ ୨୬ (୩)- ହୋଲି ମାର୍ଚ୍ଚ ୧୦ ରୁ ୧୫ (୪)- ଇଦ୍ ଉଲ୍ ଫିତର ମାର୍ଚ୍ଚ ୩୧ (୫)- ମହାବିର ଜୟନ୍ତୀ ଏପ୍ରିଲ୍ ୧୦ (୬)- ଗୁଡ୍ ଫ୍ରାଇଡେ ଏପ୍ରିଲ୍ ୧୮ (୭)- ବୁଦ୍ଧ ପୂର୍ଣ୍ଣିମା ମେ ୧୨ (୮)- ସ୍ୱାଧୀନତା ଦିବସ ଅଗଷ୍ଟ ୧୫ (୯)- ଜନ୍ମାଷ୍ଟମୀ ଅଗଷ୍ଟ ୧୬ (୧୦)-ଗଣେଶ ଚତୁର୍ଥୀ ଅଗଷ୍ଟ ୨୭ (୧୧)-ଦଶହରା ସେପ୍ଟେମ୍ବର ୨୯ ରୁ ଅକ୍ଟୋବର ୪ (୧୨)- ଦୀପାବଳୀ ଅକ୍ଟୋବର ୨୦ (୧୩)- ଗୁରୁ ନାନକ ଜନ୍ମ ନଭେମ୍ବର ୧୫ (୧୪)- ଖ୍ରୀଷ୍ଟମାସ ଡିସେମ୍ବର ୨୨

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by Rajesh Kumar Mohanty